## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କେନ୍ଦ୍ରାପଡା ଅଫିସ, ୧୬।୧୧:** ନିକିରାଇ ଥାନା ଅନ୍ତର୍ଗତ ଇନ୍ଦୁପୁରରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣା ଘଟିଛି।ଏଥିରେ ବାଇକ ଚାଳକ ରଶ୍ମିରଞ୍ଜନ ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆରୋହୀ ପ୍ରକାଶ କୁମାର ମଲ୍ଲିକ ଗୁରୁତର ହୋଇଛନ୍ତି। ପ୍ରକାଶଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେମାନେ ବାଇକରେ ଯାଉଥିବା ବେଳେ ରାସ୍ତାରେ ପିଚି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।

### ରାଜପୁରରେ ଜନସମ୍ପର୍କ ପଦଯାତ୍ରା

**ରାଜନଗର, ୧୬।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ରାଜପୁର ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଏହି ପଦଯାତ୍ରାରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ରାଜପୁର ସରପଞ୍ଚ ନିମାଇଁ ଚରଣ ରାଉତ, ସମିତିସଭ୍ୟା ମଞ୍ଜୁଲତା ପାତ୍ର, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ନରହରି ଜେନା, ଯୁବନେତା ପ୍ରଶାନ୍ତ କୁମାର ରାଉତ, ଶ୍ରୀନିବାସ ପାତ୍ର, ଗୌତମ ପ୍ରଧାନ, ନୃସିଂହ ବିଶ୍ୱାଳ, ରାଜେନ୍ଦ୍ର ପଡିହାରୀ ପ୍ରମୁଖ ସାମିଲ ହୋଇଥିଲେ।

### ନିଳିକଣା ଗୋରକ୍ଷଣୀରେ ଗୋଷ୍ଠାଷ୍ଟମୀ ପାଳିତ



**ଡେରାବିଶ, ୧୬।୧୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ନିଳିକଣାସ୍ଥିତ ଶ୍ରୀ ବଳଦେବଜୀଉ ଗୋରକ୍ଷଣୀରେ ଶୁକ୍ରବାର ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଗୋରକ୍ଷଣୀର ପ୍ରତିଷ୍ଠାତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବଟକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାତଃରୁ ସମସ୍ତ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଜନ ସାଧାରଣ ଯୋଗଦେଇଥିଲେ। ଫକୀର ମୋହନ ଖଟୁଆ, ହଳଧର ସେଠୀ, ସୁଶୀଲ ସାମଲ, ବସନ୍ତ ସେଠୀ, ବିଧୁଭୂଷଣ ମହାପାତ୍ର, ସତ୍ୟନାରାୟଣ ଜେନା, ତ୍ରିଲୋଚନ ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜିତାଂଶୁ ଶେଖର ମହାନ୍ତି ପ୍ରମୁଖ ପୂଜୋତ୍ସବରେ ଯୋଗଦେଇଥିଲେ।

# ବାଲି ଉତ୍ତୋଳନରେ ସାଢ଼େ ୩କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହରିଲୁଟ୍

**୫ ନଂ. ଜାତୀୟ ଜଳପଥ**
- ୧୧ ଲକ୍ଷ କ୍ୟୁବିକ ମିଟର ବାଲି ପାଇଁ ରାଜସ୍ୱ ଆଦାୟ ହୋଇ ନ ଥିବା ଅଭିଯୋଗ
- ଜାହାଜ ଚଳାଚଳ ପାଇଁ ପ୍ରଥମ ପର୍ଯ୍ୟାୟରେ ନଦୀ ଖୋଳା ଚାଲିଛି

**କେନ୍ଦ୍ରାପଡା ଅଫିସ, ୧୬।୧୧**

୫ ନଂ ଜାତୀୟ ଜଳପଥର ପ୍ରଥମ ପର୍ଯ୍ୟାୟ ନଦୀ ଖୋଳା କାର୍ଯ୍ୟକୁ ଗତ ଜୁଲାଇରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ କରିବାଯୋଗୁ ବନ୍ଦ ରହିଛି । ତେବେ ଇତିମଧ୍ୟରେ କେନ୍ଦ୍ରାପଡା ଓ ଯାଜପୁର ଜିଲାର ମୋଟ ୩୬ କିଲୋମିଟର ଜୁଆରହୀନ ନଦୀପଥ ଖୋଳା ସରିଛି । ଯାଜପୁର ଜିଲାର ଏରଡାରୁ କେନ୍ଦ୍ରାପଡା ବଡମାଣତିରା ପର୍ଯ୍ୟନ୍ତ ୨୫ କିଲୋମିଟର ଓ ଏହି ସ୍ଥାନରୁ ପଦନୀପାଳ ପର୍ଯ୍ୟନ୍ତ ୧୧ କିଲୋମିଟର କାଣୀ ନଦୀରୁ ବାଲି ଉତ୍ତୋଳନ ହୋଇଛି। କେନ୍ଦ୍ରାପଡା ଜିଲାରେ ୧୧ ଲକ୍ଷ କ୍ୟୁବିକ ମିଟର ବାଲି ନଦୀ ଶଯ୍ୟାରୁ ଉତ୍ତୋଳନ କରାଯାଇଥିବା ବେଳେ ଏଥିପାଇଁ ରାଜସ୍ୱ ଆଦାୟ ହୋଇ ନ ଥିବା ଅଭିଯୋଗ ହୋଇଛି। ନଦୀ ଶଯ୍ୟାରେ ବାଲି ଉତ୍ତୋଳନ ପାଇଁ ସରକାରୀସ୍ତରରେ ପ୍ରତି କ୍ୟୁବିକ ମିଟର ପାଇଁ ୩୫ ଟଙ୍କା ଦରରେ ରାଜସ୍ୱ ଆଦାୟ କରାଯାଏ। ଏହି ହିସାବରେ ୧୧ ଲକ୍ଷ କ୍ୟୁବିକ ମିଟର ବାଲି ପାଇଁ ରାଜସ୍ୱ ପରମାଣ ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ମାତ୍ର ଜିଲା ପ୍ରଶାସନ ଏହି ଅର୍ଥ ଆଦାୟ କରି ନଥିବାରୁ ବୁଦ୍ଧିଜୀବୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହୋଇଛନ୍ତି। ଏନେଇ ଗତ ଦିଶା ବୈଠକରେ ଏମପି ପ୍ରତାପ କେଶରୀ ଦେବ ଜିଲା ପ୍ରଶାସନକୁ ପ୍ରଶ୍ନ କରିଥିଲେ । ଅପରପକ୍ଷେ ଏହି ଜଳପଥ ପାଇଁ ପରିବେଶ ବିଭାଗରୁ ମଞ୍ଜୁରୀ ମିଳି ନ ଥିବା ବେଳେ ପ୍ରକଳ୍ପର ଡିପିଆର ପ୍ରସ୍ତୁତି ଶେଷ ହୋଇନାହିଁ। ତେବେ ନଦୀ ଶଯ୍ୟାରୁ ଏହି ବାଲି ଉଠାଯାଇ କେନ୍ଦ୍ରାପଡା ଜିଲା ସମେତ ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଚାଲାଣ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ଇନଲ୍ୟାଣ୍ଡ ୱାଟରୱେଜ ଅଫ ଇଣ୍ଡିଆ ( ଆଇଡବ୍ଲୁଏଆଇ) ଅଧୀନ ୫ ନଂ ଜାତୀୟ ଜଳପଥରେ ଜାହାଜ ଚଳାଚଳ ପାଇଁ ପ୍ରଥମ ପର୍ଯ୍ୟାୟରେ ନଦୀଖୋଳା ଚାଲିଛି। ଏନେଇ ଯାଜପୁର ଜିଲାର ଜୋକଡିଆଠାରୁ କେନ୍ଦ୍ରାପଡା ମଧ୍ୟ ଦେଇ ଭଦ୍ରକ ଜିଲାର ଧାମରା ଓ ଜଗତସିଂହପୁର ଜିଲାର ପାରାଦୀପ ବନ୍ଦର ପର୍ଯ୍ୟନ୍ତ ନଦୀପଥ ପରିଷ୍କାର କରାଯାଉଛି । ୨୦୧ କିଲୋମିଟର ଲମ୍ବର ଏହି ପ୍ରକଳ୍ପ ପାଇଁ ମୋଟ ୪୨୦୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ କେବଳ ନଦୀ ଖୋଳା ପାଇଁ ୧୨୭୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଓଡିଶା ରାଜ୍ୟ ସରକାର, ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଧାମରା ପୋର୍ଟ କମ୍ପାନୀ ଲିମିଟେଡର ମିଳିତ ସହଯୋଗରେ ଇନଲ୍ୟାଣ୍ଡ ୱାଟର କନସୋରଟିୟମ ଅଫ ଓଡିଶା ଲିମିଟେଡ ଏହ ନିର୍ମାଣ କାର୍ଯ୍ୟ କରୁଛି। ଗତ ୨୦୧୭ରେ କେନ୍ଦ୍ରାପଡା ଜିଲାର କାଣୀ ନଦୀରେ ୫୦ ମିଟର ଚଉଡା ଓ ୨ ମିଟର ଗଭିରତାରେ ବାଲି ଉତ୍ତୋଳନ କରାଯାଇଥିଲା । ଏହି ବାଲି ତତ୍କାଳିନ ସମୟରେ ଟ୍ରକ ଯୋଗେ ବାହାରକୁ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ଦାଶରଥି ଶତପଥୀ ଏସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ସୂଚନା ଦେଇଛନ୍ତି।

**■ମହିଳାଙ୍କୁ ନିଆଁ ଲଗାଇ ମାରିଦେବା ଉଦ୍ୟମ ଘଟଣା**

# ୨୨ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଜୀବନ ଯୁଦ୍ଧରେ ହାରିଗଲେ ପ୍ରମିଳା**

**ପଟ୍ଟାମୁଣ୍ଡାଇ, ୧୬।୧୧ (ସ୍ୱ.ପ୍ର)**

ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ପୋଡି ମାରି ଦେବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ଡ଼ିହାପଡ଼ା ପଞ୍ଚାୟତ ତେଲଙ୍ଗାବସନ୍ତ ଗ୍ରାମର ପ୍ରମିଳା ମହାନ୍ତି(୩୦)ଙ୍କ ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶାଶୁଘର ପ୍ରମିଳାଙ୍କ ପାଇଁ ଅଭିଶାପ ଓ ତାଙ୍କର ଏଭଳି ଅବସ୍ଥା ପାଇଁ ତାଙ୍କ ସ୍ୱାମୀ ଓ ଶାଶୁ ଦାୟୀ ବୋଲି ସେ ଜମାନବନ୍ଦୀ ଦେଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ପ୍ରମିଳା ଦେଇଥିବା ଜମାନବନ୍ଦୀକୁ ଭିତ୍ତି କରି ପୋଲିସ ଯୌତୁକ ନିର୍ଯାତନା କେସ୍ ସହ ହତ୍ୟା ମାମଲା ମଧ୍ୟ ରୁଜୁ କରିଛି।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ମଙ୍ଗରାଜପୁର ଗ୍ରାମର ଶରତ ସ୍ୱାଇଁଙ୍କ ଝିଅ ପ୍ରମିଳାଙ୍କ ସହ ଡ଼ିହାପଡ଼ା ପଞ୍ଚାୟତ ତେଲଙ୍ଗାବସନ୍ତ ଗ୍ରାମର ସୌଦାଗର ମହାନ୍ତିଙ୍କ ପୁଅ ନାରାୟଣଙ୍କୁ ୨୦୧୩ରେ ବିବାହ କରିଥିଲେ। ବିବାହ ବେଳେ ବରଘର ଲୋକଙ୍କ ଦାବି ମୁତାବକ ନଗଦ ଦେଢ଼ ଲକ୍ଷ ଟଙ୍କା, ସୁନା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ମାତ୍ର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ୧ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। କିନ୍ତୁ ପ୍ରମିଳାଙ୍କ ବାପଘର ଲୋକେ ଟଙ୍କା ଦେଇ ନପାରିବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ଗତ ଅକ୍ଟୋବର ୨୬ ତାରିଖରେ ଶାଶୁ ଜାମ୍ବବତୀ ତାଙ୍କୁ କିରୋସିନ ଢ଼ାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷେ ଗ୍ରାମବାସୀଙ୍କ ଦାବି କ୍ରମେ ପୋଲିସ ନାରାୟଣଙ୍କୁ ଗିରଫ କରିବା ସହ ପ୍ରମିଳାଙ୍କ ବାପଘର ଲୋକଙ୍କୁ ଯୌତୁକ ସାମଗ୍ରୀ ହସ୍ତାନ୍ତର କରିଛି। ଏ ନେଇ ୩୬୬/୧୮ ନଂ.ରେ ମାମଲା ରୁଜୁ ହୋଇଛି।

# ଜନସମ୍ପର୍କ ପଦଯାତ୍ରା, ୨୦ ପ୍ରକଳ୍ପ ଶିଳାନ୍ୟାସ




ପଦଯାତ୍ରାରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଦଳୀୟ କର୍ମୀମାନେ।

**ରାଜନଗର, ୧୬।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକର ରଙ୍ଗଣୀ ଓ ତାଳଚୁଆ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ଶୁକ୍ରବାର ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପକ୍ଷରୁ ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରା ଅବସରରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ରଙ୍ଗଣୀ ସରପଞ୍ଚ ରଶ୍ମୀରେଖା ଦଳାଇ, ସମିତିସଭ୍ୟା ଲୋପାମୁଦ୍ରା ଜେନା, ବ୍ଲକ ବିଜେଡି ଉପସଭାପତି ଗଣେଶ ଚନ୍ଦ୍ର ଗୁଡିଆ, ସାଧାରଣ ସମ୍ପାଦକ ନରହରି ଜେନା, କେରୁଆଁପାଳ ସରପଞ୍ଚ ସପନ କୁମାର ପରିଡା, ସମିତିସଭ୍ୟା ମାଧବୀ ପ୍ରଧାନ, ବାଘମାରି ସରପଞ୍ଚ ମୁକ୍ତି କୁମାର ପାତ୍ର, ସମିତିସଭ୍ୟା କବିତା ରାଣୀ ମାଇତି, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବରିଷ୍ଠ ବିଜେଡି ନେତା ଉପେନ୍ଦ୍ର କୁମାର ସ୍ୱାଇଁ, ଶୁକଦେବ ପ୍ରଧାନ, ବଳରାମ ମଣ୍ଡଳ, ଦେବଦୁଲାଲ ମଣ୍ଡଳ, ସପନ କୁମାର ମାଇତି, ବୃନ୍ଦାବନ ଦଳାଇ, ମଧୁସୁଦନ ପ୍ରଧାନ, ଅମର ପ୍ରଧାନ, ରାମକୃଷ୍ଣ ମାଇତି, ଅଧିର ମଣ୍ଡଳ, ନୃସିଂହ ଚରଣ ବେହେରା, ହରିପଦ ସାଆନ୍ତରା ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ତାଳଚୁଆଠାରେ ବ୍ଲକ ବିଜେଡି ସଭାପତି ପ୍ରତିହାରୀଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ଶ୍ରୀ ବଳଦେବଜୀଉ ମନ୍ଦିରରେ ରୋହିଣୀ ମଣ୍ଡପ ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୧୬।୧୧**

ପ୍ରଜ୍ଞା ମିଶନ ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରଜଙ୍କ ଆର୍ଥିକ ସହାୟତାରେ ନିର୍ମିତ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବ ଜୀଉ ମନ୍ଦିରର ରୋହିଣୀ ମଣ୍ଡପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ସଭ୍ୟ ଧିରେନ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି, ସ୍ୱାମୀ ମହେଶାନନ୍ଦ ଗିରି ଓ ସ୍ୱାମୀ ମଳୟାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ମଣ୍ଡପ ନିର୍ମାଣ ଫଳରେ ସ୍ୱଳ୍ପ ଖର୍ଚ୍ଚରେ ଶ୍ରଦ୍ଧାଳୁମାନେ ବିବାହ ଓ ଅନ୍ୟ ସାମାଜିକ କର୍ମ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦେବୋତ୍ତର କର୍ମଚାରୀ ଓ ସେବାୟତମାନେ ସାମିଲ ହୋଇଥିଲେ ।



# ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ମହାକାଳପଡ଼ା, ୧୬।୧୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ଜୟଚନ୍ଦ୍ରପୁର ପଞ୍ଚାୟତ ଅଧୀନ ସାନଗାଁ ଗ୍ରାମସ୍ଥିତ ଶ୍ରୀରାମ ପଡିଆଠାରେ ମିତ୍ରଶକ୍ତି ୟୁଥ କ୍ଲବ ପକ୍ଷରୁ ୮ମ ବାର୍ଷିକ ଶିଶୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବର୍ଣ୍ଣନା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ୩୩ଟି ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା, ତର୍କ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ନୃତ୍ୟ,ସଙ୍ଗୀତ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩୬ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ନାୟକ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ମିତ୍ରଶକ୍ତି ୟୁଥ କ୍ଲବ ସଭାପତି ରଞ୍ଜିତ ସ୍ୱାଇଁ, ସଞ୍ଜୟ ମହାନ୍ତି, ବୁଲୁ ସାମଲ, ବିଶ୍ୱଜିତ ସ୍ୱାଇଁ, କାଳନ୍ଦୀ ଅଧିକାରୀ, ମନୋରଞ୍ଜନ ସ୍ୱାଇଁ ଓ ବେଦପ୍ରକାଶ ଦାସଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ସରୋଜିନୀ ସେଠୀ, ଗଡ଼ରୋମିତ ପଞ୍ଚାୟତର ଉତ୍ତରା ତରାଇ, ଯୁବନେତା ତଥା ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର, ଯୁବନେତା ଜ୍ୟୋତିରଞ୍ଜନ ଖଟୁଆଙ୍କ ସମେତ ସଂଖ୍ୟାଧିକ ଲୋକ ଉପସ୍ଥିତ ଥିଲେ।

# ଅଲିଭ୍ ରିଡଲେଙ୍କ ସୁରକ୍ଷା ସଚେତନତା ଶିବିର

**ମହାକାଳପଡ଼ା, ୧୬।୧୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତସ୍ଥିତ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀଠାରେ ବୁଧବାର ଅଲିଭ୍ ରିଡଲେଙ୍କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଟିଘର, ବଡ଼ଗୁବି, ରାମନଗର, ଖରିନାସୀ, ଜମ୍ବୁ ଆଦି ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ। ଏଠାରେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ପ୍ରଦୋସ ପଟ୍ଟନାୟକ, ଅରବିନ୍ଦ ମିଶ୍ର, ବିଜୟ କୁମାର ପରିଡ଼ା, ଜମ୍ବୁ ମେରାଇନ ଥାନା, ଆଇଆଇସି ପ୍ରିୟବ୍ରତ ଦାଶଙ୍କ ସମେତ ବନ ବିଭାଗ କର୍ମଚାରୀ ଓ ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।



ସଚେତନତା ଶିବିରରେ ଯୋଗଦେଇଥିବା ମତ୍ସ୍ୟଜୀବୀମାନେ।

## ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୧୬।୧୧ (ଡି.ଏନ୍.ଏ.)**

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ ଅନ୍ତୁଡିଶାଳ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯିବା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ମାଛ ଧରୁଛନ୍ତି। ଏ ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ବହୁ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏଥିସହ ଗୋଟିଏ ଟ୍ରଲର ଜବତ ହୋଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦଳିମାଉଥ ନିକଟରେ କୋଷ୍ଟଗାର୍ଡ ବେଆଇନ ଭାବେ ମାଛ ମାରୁଥିବା ଏହି ଟ୍ରଲରକୁ କାବୁ କରି ବନ ବିଭାଗକୁ ହସ୍ତାନ୍ତର କରିଥିଲା। ବନ ବିଭାଗ ପକ୍ଷରୁ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପାରେ ଯୋଗଦେଇଥିବା ନୂତନ ସଦସ୍ୟ ଓ ଅନ୍ୟମାନେ।

**ରାଜନଗର, ୧୬।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତର କୋଇଲିପୁରଠାରେ ଭାଜପାର ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତର କଂଗ୍ରେସ ଓ ବିଜେଡି କର୍ମୀମାନେ ଭାଜପାରେ ଯୋଗଦେଇଥିଲେ। ରାଜନଗର ନିର୍ବାଚନ ମଣ୍ଡଳୀ ଯୁବ ସଂଯୋଜକ ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ସଂଗ୍ରାମ ସ୍ୱାଇଁ, ମହାଦେବ ବାରିକ, ସୌଭାଗ୍ୟ ସ୍ୱାଇଁ, ଆଲୋକ ରାଉତ, ପ୍ରଶାନ୍ତ କୁମାର ରାଉତ, ଦୀପକ କୁମାର ଜେନା, ଶ୍ରୀମନ୍ତ ଜେନା, ରାଜେଶ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ଅଭିରାମ ମଲ୍ଲିକ, ଅନନ୍ତ ସାହୁ, ଚନ୍ଦନ ମଲ୍ଲିକ, ଆୟସ ନାୟକ, ସୋମନାଥ ଜେନା, ଧର୍ମପଦ ମହାନ୍ତି ଭାଜାପରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ଜୋନ ସଭାପତି ଦେବଦତ୍ତ ରାଉଳ, ଦେବାଶିଷ ରାଉଳ, ଦିଲୀପ କୁମାର ରାଉତ, ଅନିରୁଦ୍ଧ ସ୍ୱାଇଁଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ସତ୍ୟ ଓ ଗଠନମୂଳକ ଖବର ଉପରେ ଗୁରୁତ୍ୱ




ସଭାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

**ମାର୍ଶାଘାଇ, ୧୬।୧୧ (ଡି.ଏନ୍.ଏ.)**

ମାର୍ଶାଘାଇ ପ୍ରେସ୍ କ୍ଲବ ତରଫରୁ ଜାତୀୟ ପ୍ରେସ୍ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ପ୍ରେସ୍ କ୍ଲବ ଏବଂ ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ମାଧବ ନାୟକ ସଭାପତିତ୍ୱ କରିଥିଲେ। ସତ୍ୟ ଏବଂ ଗଠନ ମୂଳକ ଖବର ଉପରେ ଗୁରୁତ୍ୱାରୋପ କରିବା ସହିତ ଦୁର୍ନୀତି, ଭ୍ରଷ୍ଟାଚାର,ଲାଞ୍ଚ କାରବାର ଉପରେ ନଜର ରଖି ଲୋକଲୋଚନକୁ ଆଣିବା ଉପରେ ଆଲୋଚନା କରାଯାଇଥିଲା। ଉତ୍କଳ ସାମ୍ବାଦିକ ସଂଘର ଜିଲା ସମ୍ପାଦକ ହିମାଂଶୁ ନାୟକ, ବ୍ଲକ ସଂଘ ମୁଖ୍ୟ ଉପଦେଷ୍ଟା ଅକ୍ଷୟ ଜେନା, ଉପ ସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ବେହେରା, ରନେନ୍ଦ୍ର ନାୟକ, ହେମନ୍ତ ସ୍ୱାଇଁ, ସରୋଜକାନ୍ତ ପରିଡା, ପ୍ରଦୀପ ସ୍ୱାଇଁ, ଶୁଭେନ୍ଦୁ ପ୍ରକାଶ ଦାସ, ରଶ୍ମିରଞ୍ଜନ ମହାପାତ୍ର, ମନୋଜ ସ୍ୱାଇଁ, ପ୍ଲାବନ ସ୍ୱାଇଁ, ଗୁନୁ ରାଉତ, ଉମାକାନ୍ତ ନାୟକ, ବିପ୍ଳବ କୁମାର ନାୟକ ଉପସ୍ଥିତ ଥିଲେ।

# ପଞ୍ଚାୟତ ଅଫିସ୍ ଗୃହ ଭାଙ୍ଗିବା ନେଇ ଅସନ୍ତୋଷ

**ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ବିଡିଓଙ୍କୁ ଭେଟିଲେ ପଞ୍ଚାୟତବାସୀ**

**ପଟ୍ଟାମୁଣ୍ଡାଇ, ୧୬।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ କାର୍ଯ୍ୟାଳୟର ପୁରାତନ ଆଜବେଷ୍ଟସ୍ ଗୃହ ଭାଙ୍ଗିବା ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ପଞ୍ଚାୟତର ସରପଞ୍ଚ ପ୍ରଭାତ କୁମାର ସେଠୀ ମନମୁଖୀ ଭାବେ ପୁରାତନ କାର୍ଯ୍ୟାଳୟକୁ ରାତିରେ ଜେସିବି ଲଗାଇ ଭାଙ୍ଗି ଦେଇଥିବା ଗ୍ରାମବାସୀ ଓ ୱାର୍ଡ ସଭ୍ୟାସଭ୍ୟ ଗତ ୮ ତାରିଖରେ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କ ନିକଟରେ ଅଭିଯୋଗ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ନରସିଂହପୁର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଦୀର୍ଘ ୫୦ବର୍ଷ ତଳେ ଏକ ଆଜବେଷ୍ଟସ୍ ଘର ତତ୍କାଳୀନ ସରପଞ୍ଚ କାମଦେବ ପରିଡା ନିର୍ମାଣ କରିଥିଲେ। ଏହି କାର୍ଯ୍ୟାଳୟରେ ପଞ୍ଚାୟତ ବୈଠକ ସହ ବିଭିନ୍ନ ସଭା ଅନୁଷ୍ଠିତ ହେଉଥିଲା। ୧୦ ବର୍ଷ ପୂର୍ବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ହେଇଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଥିବା ବେଳେ ପୁରୁଣା କାର୍ଯ୍ୟାଳୟକୁ ୱାର୍ଡ ସଭ୍ୟାସଭ୍ୟ, ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ଅଗୋଚରରେ ଭାଙ୍ଗିଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ପଞ୍ଚାୟତ କାର୍ଯ୍ୟାଳୟ ନ ଥିବା ବେଳେ କେଉଁଠି ପଞ୍ଚାୟତର କାର୍ଯ୍ୟ ଚାଲିବ ବୋଲି ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ୧୫ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ଭୋଟର ସଂଖ୍ୟା ୭ ହଜାର ହୋଇଥିବା ବେଳେ ଲୋକସଂଖ୍ୟା ପ୍ରାୟ ୧୧ ହଜାର ହେବ। ତେବେ ସରପଞ୍ଚ ଆଜବେଷ୍ଟସ ଘର ଭାଙ୍ଗିଦେଇ ବ୍ୟବହୃତ କାଠ, ଆଜବେଷ୍ଟସ ଓ ଇଟା ନିଲାମ ନ ଡାକି ଅନ୍ୟତ୍ର ଉଠାଇ ନେବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ସେଠୀଙ୍କୁ ପଚାରିବାରେ ପଞ୍ଚାୟତ କାର୍ଯ୍ୟାଳୟ ସହଦେବ ବାବା ଉଚ୍ଚ ବିଦ୍ୟାଳୟ ଜାଗାରେ ନିର୍ମାଣ ହୋଇଥିଲା। ତେବେ ପୁରୁଣା କାର୍ଯ୍ୟାଳୟ କାନ୍ଥ ଫାଟି ସ୍କୁଲ ପଟକୁ ଓହଳି ପଡିଥିବାରୁ ଏହାକୁ ଭାଙ୍ଗିବା ପାଇଁ ହାଇସ୍କୁଲ ପ୍ରଧାନଶିକ୍ଷକ ୨୦୧୭ ଅଗଷ୍ଟରେ ଚିଠି ଲେଖିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଭାଙ୍ଗିବା ପାଇଁ ୨୦୧୭ ସେପ୍ଟେମ୍ବର ୨୯ ତାରିଖରେ ବୈଠକ ଡକାଯାଇ ଏକ ରିଜୋଲୁସନ୍ କରାଯାଇଥିଲା। ଏଥିରେ ୧୫ଜଣ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୯ଜଣ ସ୍ୱାକ୍ଷର କରିଥିଲେ। ଘରେ ବ୍ୟବହୃତ କାଠ, ଆଜବେଷ୍ଟସ ଓ ଇଟା ମହଜୁଦ ରହିଛି ବୋଲି ସରପଞ୍ଚ ସେଠୀ କହିଛନ୍ତି। ସେହିପରି ନରସିଂହପୁର ମୌଜାର ପ୍ଲଟ୍ ନଂ.–୨୦୩୧/୩୯୬୬, ରକବା–୨୦ ଡେସିମିଲ୍ ହାଇସ୍କୁଲ ଜମି ଉପରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ପୁରୁଣା କାର୍ଯ୍ୟାଳୟ ଭଙ୍ଗା ଯିବା ପରେ ହାଇସ୍କୁଲ ଜମି ଛାଡି ପାଚେରୀ ନିର୍ମାଣ ହୋଇଛି ବୋଲି ସରପଞ୍ଚ ସେଠୀ କହିଛନ୍ତି। ମାତ୍ର ପଞ୍ଚାୟତବାସୀ କାର୍ଯ୍ୟାଳୟ ଜମି ମାପ କରାଇବା ସହ ପାଚେରୀ ନିର୍ମାଣରେ ଖର୍ଚ୍ଚ ହୋଇଥିବା ଅର୍ଥର ତଦନ୍ତ କରିବା ଏବଂ ପୁରୁଣା କାର୍ଯ୍ୟାଳୟରୁ ବାହାରିଥିବା ଇଟା, କାଠ ଓ ଆଜବେଷ୍ଟସ୍ କୁଆଡେ ଗଲା ନେଇ ପ୍ରଶ୍ନ ଉଠାଇଛନ୍ତି। ହାଇସ୍କୁଲ ନିର୍ମାଣର ବହୁ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ପଞ୍ଚାୟତର ଜନୈକ ବଦାନ୍ୟ ବ୍ୟକ୍ତି ଏଥିପାଇଁ ନିଜ ଜମି ଦାନ କରିଥିଲେ। ତେବେ ଉକ୍ତ ଜମି ସ୍କୁଲର କିପରି ହେଲା ଓ ଏହାକୁ ସ୍କୁଲକୁ ଦିଆ ନଯାଇ ଅନ୍ୟଜଣେ ବ୍ୟକ୍ତଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ବରିଷ୍ଠ ନାଗରିକ ରାହାସ ବିହାରୀ ଦାଶ, ୱାର୍ଡ ସଭ୍ୟ ତରୁଣ ମଳିକ, କୁନା ଓଝା, ଶାନ୍ତନୁ ମଳିକ, ବିକ୍ରମ ମଳିକ, ଗଣେଶ୍ୱର ବିଶ୍ୱାଳ, ଶିବ ପ୍ରସାଦ ମଳିକ, ସହଦେବ ରାଉତ, ସନ୍ତୋଷ ମଳିକ, ୱାର୍ଡସଭ୍ୟା ସରୋଜିନୀ ରାଉତ, ସୁଚିତ୍ରା ବେହେରା, ବିଦ୍ୟୁଲତା ମଳିକ, ଭରତ ସେଠୀ, ରିତା ନାୟକ, ବାସୁଦେବ ଗିରି, ଭରତ ରାଉତ, ବିଭୁ ପ୍ରସାଦ ରାଉତ ପ୍ରମୁଖ ଦାବି କରିଛନ୍ତି।



ଭଙ୍ଗା ଯାଇଥିବା ଘର।



ଯେଉଁଠାରେ ଶାନ୍ତି ନାହିଁ, ସେଠାରେ ଦୁଃଖ ଦୁର୍ଦ୍ଦଶାର ସୀମା ନାହିଁ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଯୁବତୀ ନିଖୋଜ ହେବା ନେଇ ଥାନାରେ ଅଭିଯୋଗ

**କୋରେଇ,୧୬।୧୧(ସ୍ୱ.ପ୍ର.):** କୋରେଇ ଥାନା ଅଞ୍ଚଳର ଜଣେ ଯୁବତୀ ନିଖୋଜ ହେବା ନେଇ ପରିବାର ଲୋକେ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଗତ ୧୪ ତାରିଖରେ ଯୁବତୀ ଜଣକ ଘରକୁ କୁଆଡ଼େ ପଳାଇ ଯାଇଥିଲେ। ରାତିରେ ଘରେ ସମସ୍ତେ ଶୋଇବା ପରେ ସେ ନିଖୋଜ ହୋଇଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

**ବିଞ୍ଝାରପୁର,୧୬।୧୧(ଡି.ଏନ.ଏ):** ବିଞ୍ଝାରପୁର ପୋଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ ଚୋରି ସାମଗ୍ରୀ ଉଦ୍ଧାର ହେବା ସହ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଏହି ଥାନା ଅନ୍ତର୍ଗତ ଭଅଁରା ପଞ୍ଚାୟତ ଚଟ୍ଟମାରୀ ଗ୍ରାମରେ ଠିକାଦାର ରାଜେନ୍ଦ୍ର ଭୂୟାଁଙ୍କ ଭଡାଘରେ ଥିବା ଲୁହା ପାଇପ ଓ ସାନିଟାରୀ ଆଦି ୮୫ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଥିଲା। ଅଭିଯୋଗ ପାଇବା ପରେ ବିଞ୍ଝାରପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ତେବେ ଏହି ଚୋରି ସାମଗ୍ରୀ ବରୀ ଥାନା ବାଲିଆପାଳ ଅଞ୍ଚଳର ଜୟକୃଷ୍ଣ ସାହୁ (୨୩) ନାମକ ଜଣେ ଯୁବକ କ୍ରୟ କରିଥିବା ପୋଲିସ ଖବର ପାଇଥିଲା। ପୋଲିସ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ଅଭିଯୁକ୍ତ ଜୟକୃଷ୍ଣ ସାହୁଙ୍କୁ ଗିରଫ କରି ଏକ ମାମଲା (ନଂ ୨୬୫/୧୮) ରୁଜୁ କରି କୋର୍ଟ ଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବା ଜଣାପଡିଛି।

### ପୁନଃ ସରପଞ୍ଚ ଦାୟିତ୍ୱ ନେଲେ ତାପସ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୬।୧୧, (ଡି.ଏନ୍.ଏ./ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତ ସରପଞ୍ଚ ତାପସ ରାୟ ଗତ ୬ ମାସ ହେବ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିଲମ୍ବିତ ହୋଇଥିଲା ବେଳେ ଶୁକ୍ରବାର ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ସରପଞ୍ଚ ତାପସଙ୍କ ନାମରେ ଏପ୍ରିଲ୍ ୧ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏ ନେଇ ଗତ ମେ ୨୮ ତାରିଖରେ ତାଙ୍କୁ ପଞ୍ଚାୟତିରାଜ ବିଭାଗ ଆଦେଶ ସଂଖ୍ୟା ୧୦୧୧୭ରେ ନିଲମ୍ବିତ କରାଯାଇଥିଲା। ପୁନଶ୍ଚ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ଆଦେଶ ସଂଖ୍ୟା ୨୧୨୯୦, ୮।୧୧।୨୦୧୮ ତାରିଖରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ପୁନଃ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ବଡ଼ଚଣା ବିଡ଼ିଓ ୧୫ ତାରିଖ ଗୁରୁବାର ଦିନ ତାପସ ରାୟଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଦାୟିତ୍ୱ ନେଇଥିବା ନାଏବ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଶୁକ୍ରବାର ନାଏବ ସରପଞ୍ଚ ସୁରତି ପରିଡ଼ା ତାପସ ରାୟଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିଥିଲେ।



ବଲାଙ୍ଗୀରର ଲୋକଗୀତ ପ୍ରଦର୍ଶନ କରାଯାଉଛି।



କଳାକାରମାନେ ମାଲକାନଗିରିର ଡାକ ଗୀତ ପ୍ରଦର୍ଶନ କରୁଛନ୍ତି।

## ୨୪ତମ ରାଜ୍ୟ ଯୁବ ମହୋତ୍ସବ

# ବିମୁଗ୍ଧ କଲା ଲୋକ ସଂଗୀତ

**ଯାଜପୁର ଅଫିସ,୧୬।୧୧**

ଯାଜପୁରରେ ଚାଲିଥିବା ୨୪ତମ ରାଜ୍ୟ ଯୁବ ମହୋତ୍ସବର ଶୁକ୍ରବାର ଲୋକସଙ୍ଗୀତ ପ୍ରତିଯୋଗିତାରେ ବିଭିନ୍ନ ଜିଲାର ଲୋକଗୀତ ଜୀବନ୍ତ ହୋଇଯାଇଥିଲା। ଝାରସୁଗୁଡାର ରୁମକୁଝୁମା, ବଲାଙ୍ଗୀରର ଲୋକଗୀତ, ମାଲକାନଗିରିର ଡକା ଗୀତ, କୋରାପୁଟର ଡଙ୍ଗରିଆ, ପୁରୀ, ଭଦ୍ରକ, ନବରଙ୍ଗପୁର, ବୌଦ୍ଧ, ସୁନ୍ଦରଗଡ, କନ୍ଧମାଳ, ସମ୍ବଲପୁର ଆଦି ୨୫ଟି ଜିଲାର ଲୋକମୁଖରୁ ନିଃସୃତ ଗୀତ ଏବଂ ଲୋକଙ୍କ ହୃଦୟ ଓ ମନରୁ ପ୍ରଚଳିତ ଲୋକସଂଗୀତ ଶ୍ରୋତାମଣ୍ଡଳୀକୁ ବିମୁଗ୍ଧ କରିଥିଲା।

ଶରୀର ପାଇଁ ଖାଦ୍ୟ ଯେମିତି ଅପରିହାର୍ଯ୍ୟ ସେହିପରି ମନର ସ୍ଫୁର୍ତ୍ତି ପାଇଁ ସଂଗୀତର ଆବଶ୍ୟକତା ରହିଛି। କର୍ମକ୍ଳାନ୍ତ ଜୀବନରେ ମାନସିକ ଶାନ୍ତି ଓ ବେଦନାକୁ ପରାହତ କରି ହୃଦୟରେ ଟିକିଏ ଆନନ୍ଦର ଅମୃତ ଦେଇଥାଏ ସଂଗୀତ। ସଂଗୀତ, ନୃତ୍ୟ ଯେ ଏକ ମହୋପକାରୀ ମହୌଷଧି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସାରା ରାଜ୍ୟର ଲୋକଗୀତର ପ୍ରାବଲ୍ୟ ସମଗ୍ର ଭାରତବର୍ଷରେ ବିରଳ। ଏହାର ତାଳ, ବାଦ୍ୟ, ଛନ୍ଦ ଓ ଛଟା ଶ୍ରୋତାଙ୍କୁ ବିମୁଗ୍ଧ କରିଥାଏ। ଲୋକଗୀତ କେଉଁ ଆଦିମକାଳରୁ ରଚନା ହୋଇଛି, କିଏ ଏହାର ସ୍ରଷ୍ଟା ତା'ର ଇତିହାସ ନ ଥିଲେ ମଧ୍ୟ ଲୋକମୁଖରେ ଭାଷାର ପରିସ୍ଫୁଟନ ଯେଉଁ ଗୀତ ମାଧ୍ୟମରେ ହୋଇଥାଏ ଜଣେ ଅନୁଭବୀ ଶ୍ରୋତା ବିନା କେହି ଅନୁଭବ କରିପାରିବେ ନାହିଁ। ଏହିକ୍ରମରେ ଯାଜପୁର ବାଳାଶ୍ରମ ପଡିଆରେ ଅନୁଷ୍ଠିତ ଲୋକଗୀତ ପ୍ରତିଯୋଗିତାରେ ଅନେକ ଗାୟକଙ୍କ କଣ୍ଠରୁ ନିଃସୃତ ପ୍ରତ୍ୟେକ ପଦ ଉପସ୍ଥିତ ଶ୍ରୋତାମଣ୍ଡଳୀକୁ ରସାପ୍ଳୁତ କରିଥିଲା। ଡାଲଖାଇ, ରସରକେଲି ହେଉ ଅବା ମାଇଲାଜଡ, ଢାପ, ଚାଙ୍ଗୋ, ଘୁମୁରା, ଘୁଡକା, ବଜାସାଲ, ଚୁଟକୁଚୁଟା, ସମ୍ବଲପୁରୀ, କରମସାନି, ଚଇତି, ଖଞ୍ଜଣି, ବଜନିଆ ଆଦି ଫୋକ ସଂଗୀତ ସମସ୍ତଙ୍କୁ ବାନ୍ଧି ରଖିଥିଲା। ସେ ଗୀତର ତାଳ ସବୁ ଖୁବ୍ ଚିତ୍ତପ୍ରବୋଧକ ଥିଲା। ଲୋକଗୀତ ଆଜି ହଜିବାକୁ ବସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହି ଗୀତର ରସାଳ ପଦାବଳୀ ପ୍ରାଣେ ପ୍ରାଣେ ଅପୂର୍ବ ଶିହରଣ ସୃଷ୍ଟି କରୁଥିଲା। ଏଥିସହ ସେଥିରେ ଢୋଲ, ନିଶାନ, ତାସା, ମହୁରୀ, ଟିମକି, ମାଦଳ ପ୍ରଭୃତି ଲୋକବାଦ୍ୟ ଲୋକଙ୍କୁ ରସୋତ୍ତୀର୍ଣ୍ଣ କରି ତୋଳିବା ସହ ଭାବବିହ୍ୱଳତାରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରୁଥିଲା। ଆଧୁନିକ ଦୁନିଆର ସାଜସଜ୍ଜା, ଦୂରଦର୍ଶନ ଏବଂ ଘରେଘରେ ଭିସିଡି ଏହିସବୁ ଲୋକକଳାକୁ ବିଲୁପ୍ତ କରି ଦେଇଛି। ସେମାନଙ୍କର ହାରମୋନିୟମ, ବଂଶୀ, ମୁହୁରୀ ଏବଂ ଡୁବିତବ୍ଲାର ସ୍ଥାନ କେସିଓ ଓ ବିଭିନ୍ନ ବୈଦ୍ୟୁତିକ ବାଦ୍ୟଯନ୍ତ୍ର ନେଇ ସାରିଛି । ଖୋଲା ମଞ୍ଚର ସ୍ଥାନ ନେଇଛି ଅତ୍ୟାଧୁନିକ ମୁଭିଂ ପେଣ୍ଡାଲ। ତେବେ ଯାଜପୁରର ଏହି ରାଜ୍ୟ ଯୁବ ମହୋତ୍ସବ ସାରା ରାଜ୍ୟର ଲୋକଗୀତକୁ ଋଦ୍ଧିମନ୍ତ କରିଥିଲା। ରାଜ୍ୟର ୨୫ଟି ଦଳ ସେମାନଙ୍କ ଫୋକ ସଙ୍ଗୀତ ସହ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରୀରାମ ଲୁହାର ସାମଲ ଓ ବସନ୍ତ କୁମାର ମିଶ୍ର ବିଚାରକ ଭାବେ ଦାୟିତ୍ୱ ନେଇଥିଲେ ।

**୨୫ ଜିଲାର ଲୋକସଂଗୀତ ପ୍ରଦର୍ଶିତ**

## ନୃତ୍ୟ, ସଂଗୀତରେ ଦୁଲୁକୁଛି ବାଳାଶ୍ରମ ପଡ଼ିଆ

**ବିରଜାକ୍ଷେତ୍ର,୧୬।୧୧(ଡି.ଏନ୍.ଏ)**

ପୌରାଣିକ, କଳା, ସାହିତ୍ୟ ଓ ସଂସ୍କୃତି ସହର ଯାଜପୁରରେ ରାଜ୍ୟ ଯୁବ ମହୋତ୍ସବର ଯୁବ କଳାକାରଙ୍କ କଳା ନୈପୁଣ୍ୟକୁ ବେଶ୍ ଉପଭୋଗ କରୁଛନ୍ତି ଦର୍ଶକ। ୧୫ତାରିଖରୁ ଯାଜପୁର ସହରରେ ରାଜ୍ୟର ୨୪ତମ ଯୁବ ମହୋତ୍ସବ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିନ ୩୦ଟି ଜିଲାରୁ ଆସିଥିବା ଯୁବ ପ୍ରତିଭାମାନେ ସହରର ୬ଟି ସ୍ଥାନରେ ସେମାନଙ୍କ କଳା ପ୍ରଦର୍ଶନ କରୁଛନ୍ତି। ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ ଭାରତ ନାଟ୍ୟମ୍, ଓଡ଼ିଶୀ, କୁଚିପୁଡ଼ି, ମଣିପୁରୀ, କଥକ ନୃତ୍ୟର ଯୁବବର୍ଗଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। କଥକରେ ୭ ଜଣ, ଭାରତନାଟ୍ୟମରେ ୬ ଜଣ, କୁଚିପୁଡ଼ିରେ ୫ ଜଣ, ମଣିପୁରୀରେ ୨ ଜଣ ଓଡ଼ିଶୀରେ ୧୦ ଜଣରୁ ଊର୍ଦ୍ଧ୍ୱ କଳାକାର ଭାଗନେଇ ସେମାନଙ୍କ କଳାର ଯାଦୁ ପ୍ରଦର୍ଶନ କରିଥିଲେ। ରାମାୟଣ, ମହାଭାରତ ଓ ସର୍ବୋପରି ପ୍ରଭୁ ଜଗନ୍ନାଥଙ୍କ ବିଷୟବସ୍ତୁକୁ ନେଇ ଯୁବ କଳାକାରମାନେ ନୃତ୍ୟ ପରିବେଷଣ କରିଥିବା ଦେଖିବାକୁ ମିଳିଥିଲା। ବିଚାରକଭାବେ ନାରାୟଣ ପାଣ୍ଡେ, ଗୁରୁ ଗୋପାଳ ସ୍ୱାଇଁ ଯୋଗ ଦେଇଥିଲେ। ଏହିସବୁ ନୃତ୍ୟକୁ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକଭାବେ ନିମାକାନ୍ତ ରାଉତରାୟ ଓ ଆଶାମୁକୁଳ ବାରିକ କାର୍ଯ୍ୟ ନିର୍ବାହ କରିଥିଲେ। ସଂସ୍କୃତି ଭବନରେ ୩୦ଟି ଜିଲାର କଳାକାରଙ୍କ ଦ୍ୱାରା ଏକାଙ୍କିକା ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜେନ୍ଦ୍ର ନାୟକ ଓ ଶତ୍ରୁଘ୍ନ ସାମଲ ବିଚାରକ ଭାବେ ଯୋଗଦାନ କରିଥିଲେ। ବୈଷ୍ଣବ ଦତ୍ତ ହାଇସ୍କୁଲରେ ହାରମୋନିୟମ୍, ସୀତାର, ଗୀଟାର, ବୀଣା ଓ ମୃଦଙ୍ଗ ପ୍ରତିଯୋଗିତା କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ହାରମୋନିୟମ୍‌ରେ ୧୨ଜଣ ଗିଟାରରେ ୧୪ଜଣ, ବୀଣାରେ ୧୧ଜଣ, ସୀତାରରେ ୩ଜଣ, ମୃଦଙ୍ଗରେ ୧୧ଜଣ କଳାକାର ଭାଗ ନେଇ ସେମାନଙ୍କ କଳା ପ୍ରଦର୍ଶିତ କରିଥିଲେ। ହାରମୋନିୟମ୍‌ରେ ଅଜୟ କୁମାର ଦାସ ଓ ବଳରାମ ବଳ ବିଚାରକଭାବେ ଯୋଗଦେଇଥିଲେ। ଚକ୍ରଧର ଖୁଣ୍ଟିଆ ଓ ଭୀମସେନ ମହାରଣା ଅନ୍ୟ ପ୍ରତିଯୋଗିତାର ବିଚାରକଭାବେ ଯୋଗଦେଇଥିଲେ। ସେହିପରି ଯାଜୁପର ପୌରପାଳିକାର ସମ୍ମିଳନୀ କକ୍ଷରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୨ ଜଣ ପ୍ରତିଯୋଗୀ ଭାଗନେଇଥିଲେ । ବିଚାରକଭାବେ ଦାଶରଥି ମହାରଣା, କବିତା କୁମାରୀ ବଳ, ତିଳୋତ୍ତମା ପୃଷ୍ଟି ଓ ଦେବାଶିଷ ପ୍ରଧାନ ଯୋଗଦେଇଥିଲେ। ଯୁବ ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ଲୋକନୃତ୍ୟ ଓ ଲୋକସଙ୍ଗୀତ ୩୦ଟି ଜିଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଲୋକସଙ୍ଗୀତରେ ୨୫ଟି ଜିଲାର କଳାକାର ଭାଗ ନେଇଥିବାବେଳେ ଲୋକନୃତ୍ୟରେ ୧୨ଟି ଜିଲାର କଳାକାର ଭାଗନେଇ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବୈଷ୍ଣବ ଦତ୍ତ ହାଇସ୍କୁଲରେ ହୋଇଥିବା ତବଲା ପ୍ରତିଯୋଗିତାରେ ୧୦ ବର୍ଷରୁ କମ୍ ବାଳକ ଭାଗ ନେଇ ସେମାନଙ୍କ ହାତଚାଳନାର ଯାଦୁଗରୀ ପ୍ରଦର୍ଶିତ କରି ବିଚାରକମଣ୍ଡଳୀ ଓ ଅନ୍ୟାନ୍ୟ ଯୁବବର୍ଗଙ୍କ ହୃଦୟକୁ ଛୁଇଁ ପାରିଥିଲେ। ୨୪ତମ ରାଜ୍ୟ ଯୁବ ମହୋତ୍ସବକୁ ସଫଳ ଭାବେ ଆୟୋଜନ କରିବାରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଛି। ୩୦ଟି ଜିଲାରୁ ଆସିଥିବା କଳାକାର ଓ ପଦାଧିକାରୀମାନେ ଜିଲା ପ୍ରଶାସନର ଆତିଥ୍ୟକୁ ପ୍ରଶଂସା କରୁଥିବା ପରିଲକ୍ଷିତ ହୋଇଛି। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଜିଲାପାଳ ଦାସ, ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ବିଭିନ୍ନ ଜିଲାରୁ ଆସିଥିବା ଯୁବ କଳାକାରଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଅନୁପ ବେହେରା, ତହସିଲଦାର ମିହିର କୁମାର ମେହେର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ ପ୍ରମୁଖ ଯୁବ ମହୋତ୍ସବକୁ ସଫଳ କରିବାକୁ ଚେଷ୍ଟା କରୁଥିବା ପରିଲକ୍ଷିତ ହୋଇଛି।



ଦ୍ୱିତୀୟ ସନ୍ଧ୍ୟାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ମଞ୍ଚରେ ଗଞ୍ଜାମର ଲୋକନୃତ୍ୟ ପରିବେଷଣ କରାଯାଉଛି।

### ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୧୬।୧୧(ଡି.ଏନ୍.ଏ)–** ଯୁବ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ମହୋତ୍ସବ ସ୍ଥଳକୁ ସଂଯୋଗ କରୁଥିବା ପଲ୍ଲିଶ୍ରୀ ମେଳାକୁ ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣ ସିଂ ମୀନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳାରେ ୧୩୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ଯାଜପୁର ଜିଲା ସମେତ ବିଭିନ୍ନ ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପୁରୁଷ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ବିଭିନ୍ନ ସାମଗ୍ରୀକୁ ବିକ୍ରି କରିବାର ଦେଖାଯାଇଥିଲା। ଏହି ପଲ୍ଲୀଶ୍ରୀ ମେଳା ୪ ଦିନ ଧରି ଅନୁଷ୍ଠିତ ହେବ।

## ଜିଲାସ୍ତରୀୟ ପ୍ରାଣୀଧନ ମେଳା, ଗୋସମ୍ବର୍ଦ୍ଧନା ଉତ୍ସବ ଉଦ୍‌ଯାପିତ

**ରସୁଲପୁର,୧୬।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ପ୍ରାଣୀ ସମ୍ପଦ ବିକାଶ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାଣୀଧନ ମେଳା ଓ ୬୬ତମ ଗୋସମ୍ବର୍ଦ୍ଧନା ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଗୋସମ୍ବର୍ଦ୍ଧନା ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଏଠାରେ ଅତିଥିମାନେ ଗୋପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ ଗୋରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯାଜପୁର ଜିଲାପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା, ବିଡିଓ ଉମାକାନ୍ତ ପରିଡା, ସରଂପଚ ଆରତୀ ପହି, ସମିତି ସଭ୍ୟ ପ୍ରଦୀପ୍ତ ନାୟକ, ଉପପ୍ରାଣୀ ନିର୍ଦ୍ଦେଶକ ଚିତ୍ତରଂଜନ ମଲିକ, ପଦ୍ମନାଭ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ବୈକୁଣ୍ଠ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୋସମ୍ପଦର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଅନୁଷ୍ଠିତ ପ୍ରଦର୍ଶନୀରେ ଶତାଧିକ ଗାଈ ଓ ବାଛୁରୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ସୁନ୍ଦର ସ୍ୱାସ୍ଥ୍ୟ ଓ ଅଧିକ ଉତ୍ପାଦନକ୍ଷମ ଗାଈ ଓ ଉନ୍ନତ ବାଛୁରୀ ପାଇଁ ରସୁଲପୁର ବ୍ଲକର ଦୁଇଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ଜିଲାର ବିଭିନ୍ନ ବ୍ଲକର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ନିଯୁକ୍ତ ଡାକ୍ତର ଓ କର୍ମଚାରୀଙ୍କର ଉତ୍କୃଷ୍ଟ ସେବା ପାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁନାକର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରାଣୀ ଚିକିତ୍ସକ ରଞ୍ଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାଣୀ ସମ୍ପଦକୁ ବ୍ୟବହାର କରି ସଫଳତା ଅର୍ଜନ କରିଥିବା ଚାଷୀଙ୍କୁ ନେଇ ରଚିତ ପୁସ୍ତକ ପ୍ରାଣୀ ବିକାଶ ନାମକ ପତ୍ରିକାକୁ ଉନ୍ମୋଚନ କରିଥିଲେ। ଅତିଥିଙ୍କ ଦ୍ୱାରା ଅଗ୍ରଣୀ ଚାଷୀ ଓ ବିଭାଗୀୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା ମେଳାରେ ଗୋଉତ୍ପାଦନ ସାମଗ୍ରୀ, ଗୋରୁଗାଈଙ୍କ ପାଇଁ ବ୍ୟବହୃତ ଜିନିଷକୁ ନେଇ ୧୦ରୁ ଊର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଉକ୍ତ ଉତ୍ସବକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ କୁଳମଣି ରାଉତ, ଯୋଗେନ୍ଦ୍ର ନାୟକ, ଯୁବନେତା ଅନନ୍ତ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ପ୍ରାଣୀ ବିକାଶ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଉଦ୍ଧାର ନାବାଳକ ପରିବାର ଲୋକଙ୍କୁ ହସ୍ତାନ୍ତର

**କୋରେଇ,୧୬।୧୧(ସ୍ୱ.ପ୍ର.)**

ଉଦ୍ଧାର ନାବାଳକଙ୍କୁ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷା ରୀତା ବେହେରା ପ୍ରକାଶ କରିଛନ୍ତି। କୋରେଇ ପୋଲିସ ଧନେଶ୍ୱର ଛକରୁ ଶୁକ୍ରବାର ଜଣେ ନାବାଳକଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଅଟୋ ଚାଳକ ଗୁରୁବାର ସନ୍ଧ୍ୟାରେ ପିଲାଟିକୁ ଯାଜପୁରରୋଡରୁ ଆଣି ଧନେଶ୍ୱର ଛକରେ ଛାଡ଼ିବା ପରେ ତାଙ୍କର ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ। ଖବରପାଇ କୋରେଇ ଥାନାଧିକାରିଣୀ ଚିନ୍ମୟୀ ସାହୁ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ତାଙ୍କ ଠିକଣା ଓ ସେଠାକୁ ଆସିବାର କାରଣ ପଚାରିଥିଲେ। ନାବାଳକ ଜଣକ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳର ଏବଂ ତାଙ୍କ ଦାଦା ସେଠାରେ ତାଙ୍କୁ ବସାଇ ଦେଇ ଯାଇଥିବା କହିଥିଲେ। ପରେ ବାଲିଆପାଳ ଥାନା ମାଧ୍ୟମରେ ନାବାଳକଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଥିଲେ।

## ଜବତ କରୁଛି ପୋଲିସ, ଛାଡୁଛି ବନ ବିଭାଗ

**ବିଞ୍ଝାରପୁର,୧୬।୧୧(ଡି.ଏନ.ଏ)**

ବିଞ୍ଝାରପୁର ଅଞ୍ଚଳରେ ଦୈନିକ ଲକ୍ଷାଧିକ ଟଙ୍କାର ବେଆଇନ କାଠ କାରବାର ହେଉଥିଲେ ମଧ୍ୟ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦୈନିକ ଗ୍ରାମ୍ୟ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ତେବେ ଶୁକ୍ରବାର ଅପରାହ୍ନରେ ବିଞ୍ଝାରପୁର ପୋଲିସ ଲକ୍ଷାଧିକ ଟଙ୍କାର ବେଆଇନ କାଠ ଜବତ କରିଥିବା ଜଣାପଡିଛି। ରାଜକନିକା ଥାନା ଅନ୍ତର୍ଗତ କଣ୍ଡିଆ ଅଞ୍ଚଳରୁ ଏକ ୪୦୭ ଟ୍ରକରେ କାଠ ବୋଝେଇ ହୋଇ ବାଛୋଳ ଛକରେ ଥିବା ଗୋଟିଏ ବେଆଇନ କରତ କଳକୁ ଆସୁଥିଲା। ପାଟ୍ରୋଲିଂ ସମୟରେ ପୋଲିସ ସିଂହପୁର କଲେଜ ନିକଟରେ ଏହି କାଠ ବୋଝେଇ ଟ୍ରକ ( ଓଆର୦୪ଜେ ୧୭୭୯)କୁ ପୋଲିସ ଜବତ କରି ଥାନାକୁ ଆଣିଥିଲା। ପରେ ପୋଲିସ ପକ୍ଷରୁ ଜଙ୍ଗଲ ବିଭାଗକୁ ଖବର ଦିଆଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ଜବତ କାଠ ସଂରକ୍ଷିତ ଆଇନ ଅନୁସାରେ ଆସୁ ନ ଥିବା ଦର୍ଶାଇ ପରୋକ୍ଷରେ କାଠ ବୋଝେଇ ଟ୍ରକକୁ ଛାଡି ଦେବାକୁ ପୋଲିସକୁ କହିଥିଲେ। ତେବେ ପୋଲିସ ସମ୍ପୃକ୍ତ ଗାଡି ଜିଲା ପାର ହୋଇ ଆସିଥିବାରୁ ୱେ ବିଲ ଓ କାଠ ସମ୍ପର୍କରେ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ। ଗାଡି ମାଲିକ କୌଣସି କାଗଜ ପତ୍ର ଦେଖାଇବାରେ ବିଫଳ ହୋଇଥିଲା। ଅପରପକ୍ଷରେ ପୋଲିସ ପକ୍ଷରୁ ଜବତ କାଠ ବୋଝେଇ ଟ୍ରକକୁ ବନ ବିଭାଇଗକୁ ହସ୍ତାନ୍ତର କରାଯାଇଥିବା ବେଳେ ଏହି କାଠ ବୋଝେଇ ଟ୍ରକକୁ ଖସାଇ ଦେବାକୁ ଉଦ୍ୟମ ହେଉଥିବା କୁହାଯାଉଛି। ବିଞ୍ଝାରପୁର ଅଞ୍ଚଳରେ ଦୈନିକ ଚୋରାରେ ଲକ୍ଷ ଲକ୍ଷ ଟଙ୍କାର ବେଆଇନ କାଠ କାରବାର ହେଉଛି। ଅଞ୍ଚଳରେ ୬ଟି କରତ କଳ ଲୁଚାଚୋରାରେ ରାତିରେ ଚାଲୁଥିବାରୁ ଅଞ୍ଚଳରେ ଗ୍ରାମ୍ୟ ଜଙ୍ଗଲ ଏକ ପ୍ରକାର ଲୋପ ପାଇବାକୁ ବସିଛି। ଅପର ପକ୍ଷରେ କରତକଳ ବେଆଇନ ଭାବେ ଚାଲିଥିବାରୁ ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। କରତକଳକୁ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରୋତ୍ସାହନ ମିଳୁଥିବା ଅଭିଯୋଗ ହେଉଛି। ଅପର ପକ୍ଷରେ କଟକ ଡିଭିଜନ ବନ ଅଧିକାରୀ ଏସ୍‌ଏମ୍‌ଟି ରେହେମାନ କୁହନ୍ତି, ଆବଶ୍ୟକ କାଗଜପତ୍ର ନ ଥିଲେ ଯେକୌଣସି କାଠ ବୋଝେଇ ଟ୍ରକ୍‌କୁ ଜବତ କରିହେବ। ତେବେ ଅଞ୍ଚଳରେ ଚୋରାକାଠ ବ୍ୟବସାୟକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବେ ବୋଲି ରହେମାନ ସୂଚନା ଦେଇଥିଲେ।

**ବୃଦ୍ଧି ପାଉଛି ବେଆଇନ କାଠ କାରବାର**



ଜଣେ ଭଦ୍ର ଦରିଦ୍ର ଜଣେ ଭଦ୍ର ଧନୀଠାରୁ ଉତ୍କୃଷ୍ଟ। କାରଣ ସେ ଅଧିକ ପ୍ରଲୋଭନର ପ୍ରତିରୋଧ କରିପାରିବ।
- ଲିଭିଙ୍ଗଷ୍ଟୋନ



## ସଂକ୍ଷେପରେ

### କୃଷକ ସଂଗଠନର ଥାନା ଘେରାଉ

ଧର୍ମଶାଳା, ୧୬।୧୧(ଡି.ଏନ୍.ଏ.)- ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଧର୍ମଶାଳା ଥାନା ଘେରାଉ ସହ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ସଂଗଠନ ପକ୍ଷରୁ ଧାରଣା ଜାରି ରହିଛି। କୃଷକନେତା ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଅଧୀର କୁମାର ଜେନା ବସନ୍ତ ପରିଡ଼ା, ଖଗେଶ୍ୱର ସାମଲ, ଅଦ୍ୱୈତ ସାମଲ, ଶଙ୍କର୍ଷଣ ସାମଲ, ଉପେନ୍ଦ୍ର ସାହୁ, ନିତ୍ୟାନନ୍ଦ ସାମଲ, ବିରକିଶୋର ସାହୁ, ଶରତ ମହାନ୍ତିଙ୍କ ସମେତ ବହୁ କୃଷକ ଧାରଣାରେ ଯୋଗଦେଇଥିଲେ। ଶେଷରେ ଥାନା ଅଧାକାରିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

### ଫାଇନାନ୍ସ କର୍ମଚାରୀଙ୍କୁ ଅପହରଣ ଉଦ୍ୟମ ଘଟଣା, ଜଣେ ଗିରଫ

ଧର୍ମଶାଳା, ୧୬।୧୧(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାର ଅଞ୍ଚଳରୁ ଫାଇନାନ୍ସ କର୍ମଚାରୀଙ୍କୁ ଅପହରଣ ଘଟଣାରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ବଡଚଣା ଥାନା ସୁଙ୍ଗୁଡା ଗ୍ରାମର ସୁଦାମ ହୋଶେନା ପ୍ରକାଶ ଯେ, ଗତ ମାସ ୨୦ ତାରିଖରେ ୩ଜଣ ଦୁର୍ବୃତ୍ତ ଜାରକା ବଜାରସ୍ଥିତ ୧୬ନଂ ଜାତୀୟ ରାଜପଥ ହୁଣ୍ଡା ବାଇକ୍ ସୋରୁମ ସମ୍ମୁଖରୁ ଏକ ଫାଇନାନ୍ସ କମ୍ପାନୀର ସେଲ୍ସ ଏକ୍ଜିକ୍ୟୁଟିଭ୍ ଅରବିନ୍ଦ ଷଡଙ୍ଗୀଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ଘଟଣାସ୍ଥଳରେ ଉପସ୍ଥିତ କର୍ମଚାରୀଙ୍କ ଯୋଗୁ ସଫଳ ହୋଇପାରି ନ ଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୪୦୦/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଏହି ଘଟଣାରେ ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି।

### ଦୁଇ ବାଇକ୍ ମୁହାଁମୁହିଁ: ୨ ଗୁରୁତର

ବିରଜାକ୍ଷେତ୍ର,୧୬।୧୧(ଡି.ଏନ୍.ଏ.)- ଯାଜପୁର ଥାନା ମହାବୀର ଛକ(ଭୀମକରପୁର) ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭବାନୀଗଞ୍ଜର ଦିବ୍ୟଜିତ୍ ପ୍ରଧାନ (୨୦), ଗୋଖନା ଗ୍ରାମର ବିଶ୍ୱଜିତ୍ ବେହେରା। ସ୍ଥାନୀୟଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଯାଜପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳବାସୀ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ରାସ୍ତା ଜବର ଦଖଲ କରି ଗୃହ ନିର୍ମାଣ କରାଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟବାସୀ ଅଭିଯୋଗ କରିଥିଲେ। ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଜବରଦଖଲ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେବା ସହ ବୁଝାଶୁଝା କରିବା ପରେ ରାସ୍ତାରୋକୋରୁ ହଟିଥିଲେ। ଖବରପାଇ ଯାଜପୁର ଏସଡିପିଓ ପ୍ରଶାନ୍ତ ମଲ୍ଲଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର, ଏସଆଇ ପିଏନ୍ ସେଠୀ, ଗଙ୍ଗାଧର ବେହେରା, ହୃଦାନନ୍ଦ ସାହୁ, ପ୍ଲାଟୁନ୍ କମାଣ୍ଡର ଉମାକାନ୍ତ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ■ମାନପୁର ସାଇଡିଂ ନେଉଛି ଲୋକଙ୍କ ଜୀବନ

# ପରିବେଶ ଆଇନକୁ ମାନୁନି ଓମ୍ ଲଜିଷ୍ଟିକ ସଂସ୍ଥା

ଯାଜପୁରଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୬।୧୧

**ମୃତ୍ୟୁ ସଂଖ୍ୟା ୮୭**



**■ଜିଲା ପ୍ରଶାସନ, ଏସପିସିବି ନୀରବ ■ଲାଗିନି ଇଟିପି, ପାଣି ସିଞ୍ଚନ ମେଶିନ, ଚକଧୁଆ ଯନ୍ତ୍ର**

କଳିଙ୍ଗନଗର ମାନପୁର ରେଲୱେ ସାଇଡିଂର କଳାତାଣ୍ଡବ ଅଦିନରେ ଲୋକଙ୍କ ଜୀବନ ନେଉଛି। ଗତ ୫ବର୍ଷ ମଧ୍ୟରେ ମାନପୁର ସାଇଡିଂକୁ ଲାଗି ଗଉଡସାହି, ସୁଆଁଳ ଓ ମାନପୁର ଗ୍ରାମର ୮୭ଜଣଙ୍କ ମୃତ୍ୟୁ ହୋଇସାରିଛି। ଏଥିସହ ଧୂଳିଧୂଆଁ ଜନିତ ରୋଗରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ଅଛନ୍ତି। ଲୋଡିଂ ଅନଲୋଡିଂ ଦାୟିତ୍ୱରେ ଥିବା ଶାସକ ଦଳ ସମର୍ଥିତ ଓମ ଲଜିଷ୍ଟିକ ସଂସ୍ଥାର ମନମୁଖୀ କାର୍ଯ୍ୟକଳାପ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଏବେ ସ୍ପଷ୍ଟ ହେବାରେ ଲାଗିଛି। ଏହି ମର୍ମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ୧୭୯୮/୧୩।୮।୨୦୧୮ ରେଳ ସାଇଡିଂ ବିଭାଗକୁ ତାଗିଦ କରିଥିଲେ। ହେଲେ ଏଯାଏ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ହୋଇପାରି ନାହିଁ। ଏପରିକି ସାଇଡିଂରେ କାର୍ଯ୍ୟରତ ଓମ ଲଜିଷ୍ଟିକ ସଂସ୍ଥାର ପରିବେଶ ଅନୁମତି ନାହିଁ ବୋଲି ସୂଚନା ମିଳିଛି। ଏହାସହ ପାଣି ସିଞ୍ଚନ, ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ମଧ୍ୟ ସେଠାରେ ସଂସ୍ଥା ପକ୍ଷରୁ ଲଗାଯାଇ ନାହିଁ। ସେଠାରେ ନିୟୋଜିତ ବିଭିନ୍ନ ମାଲବାହି ଗାଡିର ଚକ ଧୋଇବା ଯନ୍ତ୍ର ମଧ୍ୟ ବ୍ୟବହାର ହେଉନାହିଁ। ଯଦ୍ୱାରା ଆଇରନ ଓର, କୋଇଲା ଆଦିର ପ୍ରଦୂଷଣରେ ଲୋକଙ୍କ ଜୀବନ ଯାଉଛି।

ଦାନଗଦି ବ୍ଲକ ଧୂଳିଗଡ ପଞ୍ଚାୟତ ମାନପୁର ରେଲୱେ ସାଇଡିଂ ପ୍ଲଟ ନିକଟରେ ଗତ ୧୨ରେ ସୁଆଁଲୋ ଗୋଲାସାହିର ସୁଦର୍ଶନ ନାୟକ(୫୦)ଙ୍କ ମୃତ୍ୟୁ ହୋଇଥିଲା। ସେ ଦୀର୍ଘଦିନ ହେଲା ଜଣ୍ଡିସ ରୋଗରେ ଆକ୍ରାନ୍ତ ଥିଲେ। ଏହାସହ ଗତ ୨ ମାସରେ ସୁଆଁଲୋ ମୁଣ୍ଡାସାହିର ବୈରାଗୀ ମୁଣ୍ଡା, ଗୌଡସାହିର ଗଙ୍ଗା ନାୟକ, କୁନା ନାୟକ ଓ ବିର୍ଷା ନାୟକଙ୍କ ମୃତ୍ୟୁ ହୋଇଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କେତେକ ପ୍ରଭାବଶାଳୀ ନେତାଙ୍କ ଅଯଥା ହସ୍ତକ୍ଷେପ ଯୋଗୁ ଜିଲା ପ୍ରଶାସନ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁନାହିଁ। ଏହି ସାଇଡିଂରୁ ନିର୍ଗତ ଧୂଳିଧୂଆଁ ପ୍ରଭାବ ଆଗରେ ଏସ୍‌ପିସିବିର ଦମ୍ଭ ଭାଙ୍ଗି ପଡିଛି। ଦୂଷିତ ପବନ ଓ ପାଣି ବ୍ୟବହାର କରି ଗତ ୫ବର୍ଷରେ ୮୭ ଜଣଙ୍କ ମୃତ୍ୟୁ ହୋଇସାରିଛି। ବିଡମ୍ବନା ଯେ,ଏଥିଯୋଗୁ ଦୁଃଖ ଭୋଗୁଛନ୍ତି କେତେଜଣ ଅପ୍ରାପ୍ତ ବୟସ୍କା ମହିଳା। ସ୍ୱାମୀଙ୍କୁ ହରାଇ ୬୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅକାଳରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନଟନରେ କାଳାତିପାତ କରୁଛନ୍ତି। ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦିଆଯାଉଥିବା ସରକାର ଦାବି କରିଛନ୍ତି। ହେଲେ ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ଗଉଡସାହି, ମୁଣ୍ଡାସାହି, ନୀଳପଦା, ମାନପୁର ଆଦି ଗ୍ରାମବାସୀ ଏଭଳି ଅଭିଶପ୍ତ ଜୀବନ ଜୀଉଁଛନ୍ତି। ଶତାଧିକ ଲୋକ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସାଇଡିଂର କଳାତାଣ୍ଡବରେ ପରିବେଶ ବିଷାକ୍ତ ଯୋଗୁ ଅନେକ ଅଜଣା ରୋଗ ଦେଖାଦେଉଛି। ପାଣି, ପବନ ସବୁ କିଛି ସେଠାରେ ବିଷାକ୍ତ ହୋଇ ପଡିଛି। ଅଷ୍ଟ୍ରେଲିଆରୁ କୋଇଲା ଆମଦାନି କରାଯାଇ ଏହି ପ୍ଲଟରୁ କଳିଙ୍ଗନଗର ବିଭିନ୍ନ କାରଖାନାକୁ ପରିବହନ ହେଉଛି। ଏହି ପ୍ଲଟକୁ ଦିନକୁ ହାରାହାରି ୨୦୦ରୁ ଊର୍ଦ୍ଧ୍ୱ ଟ୍ରକ ଚଳାଚଳ କରୁଛି। ତେବେ ପ୍ଲଟକୁ ଯାଇଥିବା ରାସ୍ତାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମିତ ଜଳସିଞ୍ଚନ କରାଯାଉ ନ ଥିବାରୁ ରାସ୍ତାପାର୍ଶ୍ୱ ଗ୍ରାମଗୁଡିକର ଲୋକେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଆବଶ୍ୟକ ସୁଉଚ୍ଚ ପାଚେରି, ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି। ରେଲୱେ ବିଭାଗ ସହ ସଲାସୁତୁରା କରି ଲୋଡିଂ ଅନଲୋଡିଂ ସଂସ୍ଥା ଓମ୍ ଲଜିଷ୍ଟିକ ଅଧିକ ଲାଭ ଆଶାରେ ପ୍ରଦୂଷଣ ଆଇନକୁ ଖିଲାପ କରି ପରିବହନ କରୁଥିବା ଅଭିଯୋଗ ହେଉଛି। ବେଳହୁଁ ଏସ୍‌ପିସିବି ଏହାର କୌଣସି ପ୍ରତିକାର ବ୍ୟବସ୍ଥା ନ କଲେ ଖୁବଶୀଘ୍ର ମୃତ୍ୟୁ ସଂଖ୍ୟା ୧୦୦କୁ ଟପିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଓମ ଲଜିଷ୍ଟିକର ସହକାରୀ ପରିଚାଳକ ପ୍ରାଣବନ୍ଧୁ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ପରିବେଶ ଆଇନକୁ ମାନି କାର୍ଯ୍ୟ ଚାଲିଛି। ଏଥିରେ କୌଣସି ପ୍ରଦୂଷଣ ହେଉନାହିଁ। ଲୋକଙ୍କ ମୃତ୍ୟୁର କାରଣ ଅନ୍ୟକିଛି ହୋଇପାରେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ, ଚଳିତ ମାସ ଶେଷ ସୁଦ୍ଧା ପାଣି ସିଞ୍ଚନ ଯନ୍ତ୍ର ଓ ମାଲବାହି ଗାଡିର ଚକ ଧୋଇବା ଯନ୍ତ୍ର ଲଗାଯିବ। ସେହିପରି ୨୦୧୯ ସୁଦ୍ଧା ସାଇଡିଂରେ ଇଟିପି ଲଗାଇବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟଥା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ସୁକିନ୍ଦା, ୧୬।୧୧(ଡି.ଏନ୍.ଏ.)



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କରି ଶୁକ୍ରବାର ସୁକିନ୍ଦା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ବରିଷ୍ଠ ଭାଜପା ନେତା ପ୍ରଦୀପ୍ ବଳସାମନ୍ତଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। କର୍ମୀମାନେ ଏକ ପଦୁଆରରେ ୫୩ ନଂ ଜାତୀୟ ରାଜପଥ ଓ ସୁକିନ୍ଦା ବଡ଼ଦାଣ୍ଡଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏକ ସଭାର ଆୟୋଜନ କରିଥିଲେ। ଏହି ଅବସରରେ ୧୯ ବର୍ଷର ଶାସନ କାଳ ମଧ୍ୟରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି, ଲାଞ୍ଚ କାରବାର ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଏଥିସହ ଦୀର୍ଘ ୨୯ ବର୍ଷ ଧରି ଗୋଟିଏ ପରିବାର ସୁକିନ୍ଦାକୁ ଶାସନ କରି ଆସୁଥିବାବେଳେ ସୁକିନ୍ଦାବାସୀ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ପ୍ରଦୀପ କହିଛନ୍ତି। ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ଶିଳ୍ପ ରାଜଧାନୀ କଳିଙ୍ଗନଗରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ମିଳିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବହୁ ହିତାଧିକାରୀଙ୍କ ଘରକୁ ବାଦ ଦିଆଯାଉଥିବା ଉପରେ ଜିଲା ଭାଜପା ସଭାପତି ଗୌତମ କହିଥିଲେ। ଶାସକ ଦଳ କବ୍ଜାରେ ଥିବା ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ନେଇ ଭାଜପା ଆନ୍ଦୋଳନକୁ ଆହୁରୀ ତୀବ୍ର କରିବ ବୋଲି ଦଳପକ୍ଷରୁ ଚେତବନୀ ଦିଆଯାଇଛି। ସୁକିନ୍ଦା ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ତପୋଧନ ଦେଓ, ହୃଦାନନ୍ଦ ମହାନ୍ତ, ମନ୍ଦାକିନୀ ସେଠୀ, ରବୀନ୍ଦ୍ର ପୁହାଣ ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ବ୍ଲକ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଆଦିବାସୀ ନେତା ସୁନାରାମ ମାରାଣ୍ଡି, ରମଣୀରଞ୍ଜନ ବଳସାମନ୍ତ, ହାଡିବନ୍ଧୁ ମହାନ୍ତ, ଶୁଭକାନ୍ତ ମହାନ୍ତି, ମାନସ ମହାନ୍ତି, ରଶ୍ମୀରଞ୍ଜନ ବେହୁରା, ପ୍ରବୀର ବାନାର୍ଜୀ, ଚିରଞ୍ଜୀବ ବେହୁରା ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତଃରାଜ୍ୟ କରାଟି ପ୍ରତିଯୋଗିତାରେ ରିତିକଙ୍କୁ ସ୍ୱର୍ଣ୍ଣ

ଚଣ୍ଡିଖୋଲ,୧୬।୧୧(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରା ଗ୍ରାମର ରିତିକ୍ ବରାଳ ୧୦ରୁ ୧୨ ବର୍ଷ ଜୁନୟର ବିଭାଗ ଆନ୍ତଃରାଜ୍ୟ କରାଟି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ଓଡ଼ିଶା କରାଟି ସଂଘ ପକ୍ଷରୁ ଆୟୋଜିତ ୨୫ତମ ଆନ୍ତରାଜ୍ୟ କରାଟି ଚମ୍ପିୟନଶିପ ପ୍ରତିଯୋଗିତାରେ ସେ ସଫଳତା ପାଇଛନ୍ତି। ବଡ଼ଚଣା ଅଞ୍ଚଳର ଯୁବ ସାମାଜିକ କର୍ମୀ ଗଣେଶ୍ୱର ବରାଳ ଓ ଖଏରା ସରପଞ୍ଚ ହରପ୍ରିୟା ବରାଳଙ୍କ ସେ ଏକମାତ୍ର ପୁଅ। ରିତିକ୍ ସ୍ୱର୍ଣ୍ଣ ପଦକ ପାଇଥିବାରୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଜିଲା ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ଅଧକ୍ଷ ଅରବିନ୍ଦ ସାମଲ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଥିଲେ।

## ■ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ୫ମ ଦିନରେ ଗଣଧାରଣା

କୋରେଇ,୧୬।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ଶୁକ୍ରବାର ବୈତରଣୀ ଆଞ୍ଚଳିକ ପରିଷଦ ଧାରଣାରେ ବସିଥିଲେ। ପାଣିକୋଇଲି ଏକ ଦୁର୍ଘଟଣା ପ୍ରବଣ ଓ ବନ୍ୟାମୁକ୍ତ ଅଞ୍ଚଳ, ରେଳପଥ ଓ ସଡକପଥ ଦ୍ୱାରା ଗମନାଗମନର ସୁବିଧା, ଦେଶ ଓ ରାଜ୍ୟର ପ୍ରମୁଖ ସ୍ଥାନ, କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଓ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ଥିବାରୁ ପାଣିକୋଇଲିଠାରେ ମେଡିକାଲ କଲେଜ ସ୍ଥାପନ କରାଯିବାକୁ ଦାବି କରିଥିଲେ। ନଚେତ୍ ସରକାରୀ ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନ ଓ ଧାରଣା ଚାଲୁ ରହିବାକୁ ମତ ପ୍ରକାଶ ପାଇଥିଲା। ପରିଷଦ ସଭାପତି ପ୍ରେମାନନ୍ଦ ପାଳଙ୍କ ସଭାପତିତ୍ୱରେ ବ୍ରଜ କିଶୋର ମିଶ୍ର, କାଳନ୍ଦୀ ଜେନା, ନବଘନ ଦାଶ, ମାଗୁଣୀ ମହାପାତ୍ର, ରତ୍ନାକର ପଣ୍ଡା, ରାମଚନ୍ଦ୍ର ମାଝୀ, ବସନ୍ତ କୁମାର ବେହେରା, ରାମଚନ୍ଦ୍ର ବେହେରା, କୀର୍ତ୍ତନ ଚରଣ ରାଉତ, ଅମୂଲ୍ୟ କୁମାର ବେହେରା, ପଦ୍ମାକର ପାଢ଼ୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ଶ୍ରମିକ ନେତା ଭ୍ରମରବର ରାଉତ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ନିର୍ମଳ ରଥ, ସନ୍ତୋଷ କୁମାର ବେହେରା, ବଳରାମ ସାହୁ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

ବିରଜାକ୍ଷେତ୍ର,୧୬।୧୧(ଡି.ଏନ୍.ଏ.)

ଚଳିତବର୍ଷ ଯାଜପୁର ଜିଲାରେ ୫ ଲକ୍ଷ କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯିବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ୧୦ ବ୍ଲକର ୧୨୨ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କଠାରୁ ଖରିଫ୍ ଧାନ କିଣାଯିବ। କୁଇଣ୍ଟାଲ ପିଛା ୧୭୫୦ ଓ ୧୭୭୦ ଟଙ୍କାରେ ଧାନ କ୍ରୟ କରାଯିବ ବୋଲି ଜଣାପଡ଼ିଛି। ଡିସେମ୍ବର ୧ ତାରିଖରୁ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହେବ ବୋଲି ରାଜ୍ୟ ଯୋଗାଣ ବିଭାଗ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜାଣିବାକୁ ମିଳିଛି। ଧାନ କ୍ରୟ ହେଉଥିବା ଧାନ ମଣ୍ଡିଗୁଡ଼ିକରେ ଧାନ ବିକ୍ରୟ ସମୟରେ ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧାନ ଦେବାକୁ ରାଜ୍ୟ ସରକାର ଯାଜପୁର ଜିଲା ନିୟନ୍ତ୍ରିତ ବଜାର କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଜିଲାରୁ ଅଧିକ ଧାନ କ୍ରୟ କରିପାରିବେ ବୋଲି ସୂଚନା ମିଳିଛି। ବିଗତ ବର୍ଷଗୁଡ଼ିକରେ ଯାଜପୁର ଜିଲାରୁ ୮ ଲକ୍ଷ୍ୟ କୁଇଣ୍ଟାଲରୁ ଅଧିକ ଧାନ କ୍ରୟ ହୋଇଥିବା ସୂଚନା ମିଳିଛି। ଧାନ କ୍ରୟ କରୁଥିବା ମିଲରମାନେ ଠିକ୍ ସମୟରେ ଧାନମଣ୍ଡିରେ ଉପସ୍ଥିତ ରହି ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ବିରଜାକ୍ଷେତ୍ର,୧୬।୧୧(ଡି.ଏନ୍.ଏ.)

ବରୀ ବ୍ଲକ ଅନ୍ତର୍ଗତ କୃଷ୍ଣନଗରଠାରେ ଦୀର୍ଘ ୧୮ ବର୍ଷ ହେବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଥିଲେ ମଧ୍ୟ କେହି ଡାକ୍ତର ନାହାନ୍ତି। ୨୨ନଂ. ଜିଲା ପରିଷଦ ଜୋନର ପାଖାପାଖି ୩୪ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ତେବେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଯୁବ କଂଗ୍ରେସ ନେତା ସମୀର କୁମାର ରାଉତ, ସୋସିଆଲ ମିଡିଆ ଜିଲା ସଭାପତି ସୌଭାଗ୍ୟ ରଞ୍ଜନ ଦାସ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଅମ୍ରେଶ କୁମାର ପରିଡ଼ା, ଛାତ୍ର ନେତା ଅଂଶୁମାନ ଦାସ, ଶ୍ରବଣ କୁମାର ଦାସ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୌମ୍ୟରଂଜନ ବଳ, ୨୨ନଂ ଜିଲା ପରିଷଦ ପ୍ରାର୍ଥିନୀ ସୋନାଲୀ ରାଉତ, ରାକେଶ ଦାସ, ଶିବପ୍ରସାଦ ସାମଲ ପ୍ରମୁଖ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅପରପକ୍ଷରେ ଛାତ୍ର ନେତାମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ। ଡାକ୍ତର ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ରୋଗୀମାନେ ଦୂରଦୂରାନ୍ତକୁ ଯାଉଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା କହୁଥିବା ବେଳେ କୃଷ୍ଣନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କିପରି ଅବଗତ ହୋଇପାରୁନାହିଁ, ସେ ନେଇ ଛାତ୍ରନେତା ପ୍ରଶ୍ନ ପଚାରିଛନ୍ତି। ଯଦି କୃଷ୍ଣନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରା ନ ଯାଏ, ତେବେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଛାତ୍ର ନେତା ଚେତାବନୀ ଦେଇଥିଲେ।

## ଭସାଣି ପାଇଁ ମେଳଣ ପଡ଼ିଆ ଲୋକାରଣ୍ୟ




ଚୋରଦା ପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତିକୁ ଭସାଣି ପାଇଁ ନିଆଯାଉଛି।

ଯାଜପୁରରୋଡ,୧୬।୧୧(ନି.ପ୍ର.)

ମା' କାଳୀଙ୍କ ଭସାଣି ଉତ୍ସବକୁ ନେଇ ଶୁକ୍ରବାର ଯାଜପୁରରୋଡସ୍ଥିତ କାଳୀ ମେଳଣ ପଡ଼ିଆ ଲୋକାରଣ୍ୟ ହୋଇଉଠିଛି। ବିଭିନ୍ନ ବାଦ୍ୟ ଓ ନାଚରେ ସହର ପ୍ରକମ୍ପିତ ହୋଇଉଠିଛି। ଭସାଣି ଦେଖିବା ପାଇଁ ଲୋକଙ୍କ ସୁଅ ଛୁଟିଛି। ପ୍ରଥମେ ଚୋରଦା ମେଢ ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ବାଜା, ବାଣ ରୋଶଣୀ ସହ ଶୋଭାଯାତ୍ରାରେ ବାହାରିଥିଲା। ଭସାଣି ପାଇଁ ଯାଜପୁରରୋଡ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଆଦିବାସୀ ନୃତ୍ୟ ସାଙ୍ଗକୁ ମାଦଳ ବାଜା, ବାଡ଼ିଖେଳ, ଗୋପାଳ ଉଗାଳ, ଘୋଡ଼ାନାଚ, ଷଣ୍ଢ ନାଚ, ଘଣ୍ଟୁଆ ଘଣ୍ଟବାଦନ ଓ ସଂକୀର୍ତ୍ତନ ଲୋକଙ୍କ ମନ ମୋହିଥିଲା। ବିଶେଷକରି କଳସ ନାଚ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଉଠ ବ୍ୟବସାୟୀ ମେଳଣ ପଡ଼ିଆରେ ସେମାନଙ୍କ ପସରା ମେଲାଇଛନ୍ତି। ଆତସବାଜୀ ପ୍ରଦର୍ଶନ ସହରବାସୀଙ୍କୁ ଚକିତ କରିଥିଲା।

## ■ଶିଳ୍ପ କାରଖାନାରେ ପ୍ରଦୂଷଣ ନିୟନ୍ତ୍ରଣ ଅଭାବ ଦାୟୀ

# ଶୀତ ନାହିଁ, ପନିପରିବା ଚାଷ ପ୍ରଭାବିତ

ଯାଜପୁର ଅଫିସ,୧୬।୧୧

**■ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ଅନ୍ତର ବୃଦ୍ଧି ପାଇଛି**

**■ତାପମାତ୍ରାରେ ବ୍ୟତିକ୍ରମ ଯୋଗୁ ପନିପରିବା ଫସଲରେ ହେଉନି ଅଭିବୃଦ୍ଧି**

କାର୍ତ୍ତିକ ମାସ ଚାଲିଛି। ଆସନ୍ତା ୩ଦିନ ପରେ ପଞ୍ଚୁକ। ହେଲେ ଏହିଦିନେ ବେଶୀ ଶୀତ ଅନୁଭୂତ ହେଉନାହିଁ। ଏହି ସମୟରେ ବଜାରକୁ ଯେଉଁ ପରିମାଣର ଶୀତଦିନିଆ ପରିବା ଆସିବା କଥା ତାହା ଆସିନାହିଁ। ସେଥିପାଇଁ ପରିବା ଦର କମିବା ନାଁ ନେଉନାହିଁ। ଏଥିରୁ ଚାଷ ଉପରେ ପରିବର୍ତ୍ତିତ ଜଳବାୟୁର ସିଧାସଳଖ ପ୍ରଭାବ ବାରି ହୋଇପଡୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ମତପ୍ରକାଶ ପାଉଛି। ବିଗତ ୨୫ବର୍ଷରେ ଯାଜପୁରରେ ହାରାହାରି ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ଅନ୍ତର ବୃଦ୍ଧି ପାଇଛି। ହାରାହାରି ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ ବଢିଥିବା ବେଳେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ଡିଗ୍ରୀ ସେଲସିୟସକୁ କମିଛି। ହାରାହାରି ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଥିଲେ ହେଁ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଉଥିବାରୁ ନଭେମ୍ବରରେ ଶୀତର ପ୍ରକୋପ ଅନୁଭୂତ ହୋଇ ନ ଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ବିଶ୍ୱ ତାପାୟନ ସହ ଗତ କିଛିବର୍ଷରେ ଯାଜପୁର ଜିଲାରେ ବହୁ ସଂଖ୍ୟାରେ ତାପଜ ବିଦ୍ୟୁତ କେନ୍ଦ୍ର ସହ ଶିଳ୍ପ ପ୍ରତିଷ୍ଠା ଯୋଗୁ ଏହି ପରିସ୍ଥିତି ହୋଇଥିବା ବିଶେଷଜ୍ଞମାନେ କହୁଛନ୍ତି। ପ୍ରକାଶଥାଉ ଯେ, ୧୯୮୬ରୁ ୧୯୯୦ ମସିହା ପର୍ଯ୍ୟନ୍ତ ୫ବର୍ଷରେ ନଭେମ୍ବରର ହାରାହାରି ସର୍ବୋଚ୍ଚ ତାପମାତ୍ରା ୩୦ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ରହିଥିଲା। ୧୯୯୧ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୯ ଓ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ସେଲସିୟସ ରହିଥିଲା। ୧୯୯୬ରୁ ୨୦୦୦ ମସିହା ପର୍ଯ୍ୟନ୍ତ ହାରାହାରି ସର୍ବୋଚ୍ଚ ତାପମାତ୍ରା ୩୧ ଓ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ସେଲସିୟସ ରହିଥିବାବେଳେ ଏହାପରେ ଗତବର୍ଷ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩୨ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇଥିବାବେଳେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୧.୫ ଡିଗ୍ରୀ ସେଲସିୟସକୁ ଖସି ଆସିଛି। ଯାଜପୁର ଜିଲାର ବୟସ୍କ ଲୋକଙ୍କ କହିବା ଅନୁଯାୟୀ, ଯାଜପୁରରେ କାର୍ତ୍ତିକ ମାସରେ ଭୋରରୁ ବୁଡ ପକାଇବାକୁ ଯିବାବେଳେ ଲୋକେ କମ୍ବଳ ଘୋଡି ହୋଇ ଯାଉଥିଲେ। ତାହା ଥିଲା କାର୍ତ୍ତିକ ବୁଡର ମଜା। ହେଲେ ଗତ ୧୦ବର୍ଷ ହେଲା କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୀତର ଦେଖା ମିଳୁନାହିଁ। ଏଥିପାଇଁ କେବଳ ବିଶ୍ୱ ତାପାୟନକୁ ଦାୟୀ କରାଯାଇପାରିବ ନାହିଁ। ଯାଜପୁର ଜିଲାରେ ଗଢି ଉଠିଥିବା ତାପଜ ବିଦ୍ୟୁତ କେନ୍ଦ୍ର ଓ ଇସ୍ପାତ ଶିଳ୍ପ କାରଖାନାଗୁଡିକର ଛୋଟ ଛୋଟ କ୍ୟାପଟିଭ ପାୱାର ପ୍ଲାଣ୍ଟ ଯୋଗୁ ତାପମାତ୍ରାରେ ଏଭଳି ବ୍ୟତିକ୍ରମ ଘଟୁଛି ଓ ଏହାର ସିଧାସଳଖ ପ୍ରଭାବ ଚାଷ ଉପରେ ପଡୁଛି। ବିଶେଷ କରି ପନିପରିବା ଫସଲ ପ୍ରଭାବିତ ହେଉଛି। ଫସଲର ଠିକ୍ ଅଭିବୃଦ୍ଧି ହେଉନାହିଁ। ଆଗାମୀ ଦିନରେ ମଧ୍ୟ ଯାଜପୁର ଜିଲାରେ ଆହୁରି ଉଚ୍ଚ କ୍ଷମତା ସମ୍ପନ୍ନ ସିମେଣ୍ଟ କେନ୍ଦ୍ରଗୁଡିକ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଚାଷ ଉପରେ ଏହାର ଗୁରୁତର ପ୍ରଭାବ ପଡିବା ସୁନିଶ୍ଚିତ। ତାପମାତ୍ରାରେ ବ୍ୟତିକ୍ରମ ଯୋଗୁ ପନିପରିବା ଫସଲର ଅଭିବୃଦ୍ଧି ହେଉ ନ ଥିବାରୁ ଏହାର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଛି। ସେଥିପାଇଁ ଏବେ ବଜାରକୁ ଆସୁଥିବା ନୂଆ ଫୁଲକୋବିରେ ମଧ୍ୟ ପୋକ ଲାଗିଥିବା ଦେଖିବାକୁ ମିଳୁଛି। ଯାଜପୁର ଜିଲାର ଚାଷୀ ରମେଶ ବେହେରା, ଅମୂଲ୍ୟ ପରିଡା, ସନାତନ ଭୂୟାଁ, ବାବାଜୀ ଦାସ ପ୍ରମୁଖ କୁହନ୍ତି, ଶୀତ ପଡୁ ନ ଥିବାରୁ ଗଛ ଠିକ ଭାବେ ବୃଦ୍ଧି ହେଉନାହିଁ। ଫଳରେ ଅମଳ ମଧ୍ୟ ପ୍ରଭାବିତ ହେଉଛି। କୋବି, ବାଇଗଣ, କାକୁଡି, ଭେଣ୍ଡି ଆଦି ଗଛରେ ଫଳ ଆବଶ୍ୟକ ପରିମାଣରେ ଆସୁନାହିଁ। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେବା ସହିତ ଆର୍ଥିକ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି।

## ସଂକ୍ଷେପରେ

### ଶାରଳା ମେଳା ଉଦ୍‌ଘାଟିତ



**ନାଉଗାଁ,୧୬।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଙ୍ଗଦା ହାଟର ମା' ଶାରଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଶାରଳା ମେଳା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା, ବଜାରର ସମସ୍ତ ବ୍ୟବସାୟୀ ଏକ ଶୋଭାଯାତ୍ରାରେ ଝଙ୍କଡ଼ ଶାରଳାଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ମା'ଙ୍କ ଆଜ୍ଞାମାଳ ଆଣି ଉତ୍ସବ ଉଦ୍‌ଘାଟନ କରିଥିଲେ। ୧୦ ଦିନ ଧରି ହେବାକୁ ଥିବା ଏହି ମେଳା ଅବସରରେ ମା'ଙ୍କ ପୂଜାର୍ଚ୍ଚନା, ବୈଦିକ ଯଜ୍ଞ, ପ୍ରବଚନ, ପ୍ରତିଭା ପୂଜା, ଓଡ଼ିଶୀ ନୃତ୍ୟ ଓ ସମ୍ବର୍ଦ୍ଧନା ସଭା ଆଦି ଅନୁଷ୍ଠିତ ହେବ। ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ସହ ମହାପ୍ରଭୁ ଜଗନ୍ନାଥ ଓ ଦଶାବତାର ମୂର୍ତ୍ତି ପୂଜା ପାଉଛନ୍ତି। ଏହି ମେଳାକୁ ପ୍ରଥମେ ବାବା ଯୁଧିଷ୍ଠିର ଦାସ ଆରମ୍ଭ କରିଥିଲେ।

### ଶିଶୁ ପ୍ରତିଭା ବିକାଶ କାର୍ଯ୍ୟକ୍ରମ

**ରାହାମା,୧୬।୧୧(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ୍ ଦାର୍ଢିଆ-ପୋତାନଈ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାୟକଙ୍କ ପୌରୋହିତ୍ୟରେ ଶିଶୁ ପ୍ରତିବା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ଝୋଟୀ, କବିତା ଆବୃତ୍ତି, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ପଣ୍ଡା ମୁଖ୍ୟଅତିଥି, ଚନ୍ଦାପାଟ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଅମୀୟ କୁମାର ଜେନା, ହରେକୃଷ୍ଣ ଦାସ, ଦଳପ୍ରଭା ପ୍ରହ୍ଲାଦ ଚୌଧୁରୀ, ସଞ୍ଜୟ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟସ୍ତବହୁଳ ଜୀବନରୁ ସମୟ କାଢି ମାତାପିତା ଓ ବନ୍ଧୁ ପରିଜନ ଶିଶୁଙ୍କ ମନ ଓ ଆବେଗକୁ ପ୍ରାଧାନ୍ୟ ଦେଇ ପ୍ରେରଣା ଯୋଗାଇଲେ ଶିଶୁଙ୍କ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦୀପ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କ ସହ ଶିକ୍ଷକ ଯୁଧିଷ୍ଠିର ନାୟକ, ହୃଦୟ ରଞ୍ଜନ ନାୟକ, ସ୍ମୃତିମଞ୍ଜରୀ ନାୟକ, ପ୍ରଣତୀ ମଞ୍ଜରୀ ନାୟକ, ସୁଲୋଚନା ସ୍ୱାଇଁ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସେଣ୍ଟ୍ ଜାଭିୟର୍ ସ୍କୁଲ୍‌ରେ ବିଜ୍ଞାନ ମେଳା

**ରାହାମା,୧୬।୧୧(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲ ରାହାମା ପରିସରରେ ଶିଶୁ ଦିବସରେ ବିଜ୍ଞାନ ମେଳା, ଜିଲାସ୍ତରୀୟ କବିତା ପାଠ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ କୁଜଙ୍ଗ ବିଇଓ ସୁଦର୍ଶନ ନନ୍ଦ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକ, ଅଧାପକ ସୁରେନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଜଗନ୍ନାଥ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ସ୍କୁଲ ପରିସରରେ ଜିଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠ ଉତ୍ସବକୁ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କବି ପୀତାମ୍ବର ତରାଇ ମୁଖ୍ୟବକ୍ତା, ଅଧାପକ ଡ. ସନ୍ତୋଷ କୁମାର ସାମଲ, ରାଜା ମଧୁସୂଦନ ଦେବ କଲେଜ୍ ଅଧକ୍ଷ ପ୍ରଶାନ୍ତ କୁମାର ରାଉତ, ଶ୍ରମିକନେତା ସୁଧାକର ମନ୍ତ୍ରୀ, ସ୍କୁଲର ଉପଦେଷ୍ଟା ବାନାମ୍ବର ଶତପଥୀ, ସାମାଜିକ କର୍ମୀ ସୁନାକର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସଂସ୍କୃତିର ଉତ୍‌ଥାନ ପାଇଁ ଯୁବପୀଢି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲର ଅଧକ୍ଷ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ବିକ୍ରମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଧୂଆଁପଦା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

# ଶିକ୍ଷକ ଛାଡ଼ିଲେ ସ୍କୁଲ, ପିଲା ଛାଡୁନାହାନ୍ତି

**ନାଉଗାଁ,୧୬।୧୧(ସ୍ୱ.ପ୍ର.)**



ଶିକ୍ଷକ ନଥିଲେ ମଧ ପିଲାମାନେ ଧୂଆଁପଦା ପ୍ରାଥମିକ ବିଦ୍ୟାଳୟରେ ବସିଛନ୍ତି।

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତରେ ଥିବା ଧୂଆଁପଦା ପ୍ରାଥମିକ ବିଦ୍ୟାଳୟକୁ କୋରୁଅ ଉ.ପ୍ରା ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଉକ୍ତ ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ କମ୍ ଥିବାରୁ ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା ଜଣାପଡିଛି। ସେହି ଅନୁଯାୟୀ ଏହି ବିଦ୍ୟାଳୟରେ ଥିବା ୨ ଶିକ୍ଷକ ନୂତନ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ମାତ୍ର ନିଜ ବିଦ୍ୟାଳୟ ଛାଡି ଅନ୍ୟ ବିଦ୍ୟାଳୟକୁ ଯାଇ ପାଠ ପଢିବାକୁ ଛାତ୍ରୀଛାତ୍ର ରାଜି ହେଉନାହାନ୍ତି। ଅଭିଭାବକମାନେ ମଧ ପିଲାଙ୍କୁ ଅନ୍ୟ ସ୍କୁଲକୁ ନ ଛାଡିବାକୁ ଜିଦ୍ ଧରିଛନ୍ତି। ଫଳରେ ଉକ୍ତ ସ୍କୁଲର ପିଲାମାନେ ପାଠ ପଢିପାରୁ ନାହାନ୍ତି।

ସୂଚନା ଅନୁଯାୟୀ, ଧୂଆଁପଦା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରାଯିବା ସହ ଗତ ୧୨ ତାରିଖରେ ବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। କିନ୍ତୁ ସେଥିରେ କିଛି ସୁଫଳ ମିଳିନାହିଁ। ତେଣୁ ଶୁକ୍ରବାର ପୁନର୍ବାର ବିଦ୍ୟାଳରେ ପିଲାମାନେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଏଥିସହ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ହାଡ଼ିବନ୍ଧୁ ସ୍ୱାଇଁ, ତୁଷାର ସାହୁ, ଅଭୟ ସ୍ୱାଇଁ ପ୍ରମୁଖ ଜିଲାପାଳ ଯାମିନୀ ଷଡଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀ, ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ଏବେ ୨୧ ପିଲା ଅଛନ୍ତି। ଧୂଆଁପଦା ଗ୍ରାମରୁ କୋରୁଅ ଉପ୍ରା ବିଦ୍ୟାଳୟର ଦୂରତା ଦେଢ କିମି। ଏହି

> ■ ଗ୍ରାମଠାରୁ କୋରୁଅ ଉପ୍ରା ବିଦ୍ୟାଳୟ ଦେଢ଼ କି.ମି ଦୂର
>
> ■ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ବିରୋଧ କରୁଛନ୍ତି ଅଭିଭାବକ

ଗ୍ରାମ ଦେଇ ନାଉଗାଁ-ଗାରୋଇ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ମାଛଗାଁକୁ ସଂଯୋଗ କରିଛି। ଏହି ରାସ୍ତାରେ ପ୍ରତ୍ୟେହ ଭାରିଯାନ ଓ ଅନ୍ୟାନ୍ୟ ଗାଡି ଚଳାଚଳ କରୁଛି। ତେଣୁ ଛୋଟ ପିଲାମାନେ ପ୍ରତ୍ୟେହ ଏହି ରାସ୍ତାରେ ଦେଢକିମି ଦୂର ଯିବା ଆସିବା କରିବା ସୁରକ୍ଷିତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ କୋରୁଅରେ ହୋଇଥିବା ଏକ ମିଳିତ ବୈଠକରେ ସେମାନେ ଜଣାଇଥିଲେ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଧୂଆଁପଦା ପ୍ରାଥମିକ ବିଦ୍ୟାଳୟକୁ କୋରୁଅ ଉପ୍ରା ବିଦ୍ୟାଳୟ ସହ ମିଶ୍ରଣ କରା ନ ଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀଙ୍କୁ ପଚାରିବାରୁ କମ ଉପସ୍ଥାନ ଥିବା ବିଦ୍ୟାଳୟକୁ ସରକାରୀ ନିୟମାନୁସାରେ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରାଯାଉଛି ବୋଲି ସେ କହିଛନ୍ତି।

■ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୧୧୮ ପ୍ରକଳ୍ପ

# ପରିବେଶ ସୁରକ୍ଷାରେ ମନୋନିବେଶ କରିବାକୁ ଆହ୍ୱାନ

**ତିର୍ତ୍ତୋଲ,୧୬।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୧୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ଶ୍ରେଷ୍ଠ ୧୦ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ବିଇଓ ସୁକାନ୍ତ କୁମାର ରାୟ ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ସମ୍ପର୍କିତ ପ୍ରକଳ୍ପ ଦିଗରେ ମନୋନୀବେଶ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଆଶିଷ ମହାନ୍ତି ମୁଖ୍ୟବକ୍ତା, ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ କିଶୋର ଭୂୟାଁ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତିର୍ତ୍ତୋଲ ବିଜ୍ଞାନ କ୍ଲବ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ଜେନା ବିବରଣୀ ପାଠ କରିଥିଲେ। ସିଆରସିସି ଅକ୍ଷୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଥମିକସ୍ତରରୁ ମନୋନିତ ହୋଇଥିବା ଛାତ୍ରୀ ସିପ୍ରା ବସନ୍ତିଆ, ରିୟା ବିଶ୍ୱାଳ, ଉମେହାନୀ ଆଲମ, ଅର୍ପିତା ଚଇନି, ଦେବଦୁଲର୍ଭ ସାହୁ, ଅଂଶୁମାନ ମଲ୍ଲିକ ଓ ମାଧ୍ୟମିକସ୍ତରରୁ ମନୋନିତ ହୋଇଥିବା ଛାତ୍ରୀ ରାଜଶ୍ରୀ ମହାନ୍ତି, ସୁଶ୍ରୀ ଲିପ୍‌ସା ଦାସ, କସ୍ତୁରୀ ମହାନ୍ତି, ସୁଧୃତି ସତଭିଷାଙ୍କ ପ୍ରକଳ୍ପକୁ ଅତିଥି ପୁରସ୍କୃତ କରିଥିଲେ। ପୂର୍ବାହ୍ନରେ ଏହି ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ଉଦ୍‌ଘାଟନ କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡା ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ମଣିଜଙ୍ଗା ସରପଞ୍ଚ ମମତା ସାହୁ, ସମିତି ସଭ୍ୟ ପ୍ରିୟବ୍ରତ ଗୋସ୍ୱାମୀ, ଏବିଇଓ ବାସନ୍ତୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଆଲୋକ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାବୁଲି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ବିଜ୍ଞାନମେଳାକୁ ବିଜ୍ଞାନ କ୍ଲବ ସଭ୍ୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ଗୌରାଙ୍ଗ ଚରଣ ଦାସ, ପ୍ରଶାନ୍ତ ସ୍ୱାଇଁ, ସମରେନ୍ଦ୍ର ସାହୁ, ସିଆରସିସି ତାପସ ମହାନ୍ତି, ରଜନୀକାନ୍ତ ବେହେରା, ଧୀରେନ୍ଦ୍ର ମନ୍ତ୍ରୀ, ଛବିନ୍ଦ୍ର ସାହୁ, ବିଷ୍ଣୁଚରଣ ସେଠୀ, ଶିକ୍ଷୟିତ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶିନୀ ଦାସ, ସମୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

■ ବୋରିକିନା ମଣ୍ଡଳରେ ଭାଜପାର ପଦଯାତ୍ରା

# ଯୋଗଦେଲେ ପ୍ରିୟରଞ୍ଜନ, ଆସିଲେନି ରଘୁନନ୍ଦନ

**ବାଲିକୁଦା,୧୬।୧୧(ସ୍ୱ.ପ୍ର.)**



ଜନ ପରାମର୍ଶ ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

ବାଲିକୁଦାରେ ଭାଜପାର ଜନ ପରାମର୍ଶ ପଦଯାତ୍ରାକୁ ନେଇ ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ବୋରିକିନା ମଣ୍ଡଳର କୋସିଦାରେ ଶୁକ୍ରବାର ହୋଇଥିବା ପଦଯାତ୍ରାରେ ଏହା ଦେଖିବାକୁ ମିଳିଛି। କୌଣସି ନେତାଙ୍କୁ ଏହି ପଦଯାତ୍ରାକୁ ଡକା ନ ଯିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁ ଏହି ପଦଯାତ୍ରାରେ ଯୋଗଦେବାକୁ ଦଳର ଦୁଇ ବରିଷ୍ଠ ନେତା ପ୍ରିୟରଞ୍ଜନ ଦାସ ଓ ରଘୁନନ୍ଦନ ଦାସଙ୍କୁ ଆମନ୍ତ୍ରଣ କରିଥିଲେ। ସେହି ଅନୁଯାୟୀ ପ୍ରିୟରଞ୍ଜନ ପଦଯାତ୍ରାରେ ଯୋଗଦେଇଥିଲେ। ମାତ୍ର ରଘୁନନ୍ଦନ ଏଥିରେ ଯୋଗ ନ ଦେବା ଆଲୋଚନାର ବିଷୟ ହୋଇଛି। ସେହିପରି ପ୍ରିୟରଞ୍ଜନଙ୍କ ଉପସ୍ଥିତିକୁ ନେଇ କେତେଜଣ କାର୍ଯ୍ୟକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜର କ୍ଷୋଭକୁ ଚାପି ନ ପାରି ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ଦାଶ କହିଛନ୍ତି ଯେ, ପଦଯାତ୍ରା ଆୟୋଜନରେ ନିୟମ ଭଙ୍ଗ କରାଯାଇଛି। ଅନ୍ୟପକ୍ଷରେ ସଭାପତି ସ୍ୱାଇଁ କହିଛନ୍ତି ଯେ, ସେ ଉଭୟ ନେତାଙ୍କୁ ନିମନ୍ତ୍ରଣ କରିଥିଲେ। ତେବେ ରଘୁନନ୍ଦନ କାହିଁକି ଆସିଲେନି ତାହା ସେ ଜାଣିନାହାନ୍ତି। ସଭାପତି ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିବା ଏହି ଜନ ପରାମର୍ଶ ପଦଯାତ୍ରା କୋସିଦାର ନୀଳକଣ୍ଠ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା ପାରାଦୀପ ପୋର୍ଟ ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଜୋନ୍ ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ନହରଣା ମଣ୍ଡଳ ପ୍ରତିନିଧି ନାରାୟଣ ବାରିକ, ନିରଞ୍ଜନ ମହାନ୍ତି, ଧ୍ରୁବ ପାଇଟାଳ, ବସନ୍ତ ସାହୁ, ପ୍ରଶାନ୍ତ ଦାସ, ବିନୋଦ ଜେନା, ବିଜୟ ମହାନ୍ତି, ଜୟପ୍ରକାଶ ମହାନ୍ତି, ମିଡିଆ ପ୍ରମୁଖ ଅଶ୍ୱିନୀ ସ୍ୱାଇଁ, ବିଜୟ ମଲ୍ଲିକ, ନଗେନ୍ଦ୍ର ବିଶ୍ୱାଳ, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରଦୀପ୍ତ ବାରିକ, ହରିଶ୍ଚନ୍ଦ୍ର ଜେନା, ମହିଳା ମୋର୍ଚ୍ଚା ଜିଲା ସମ୍ପାଦିକା ଅଞ୍ଜନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଏମବିକେ, ସିଆରପି ସଂଘର ପ୍ରସ୍ତୁତି ବୈଠକ

**ଏରସମା,୧୬।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଓଡିଶା ଏମବିକେ ଓ ସିଆରପି ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ନିରୁପମା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦିକା ମନୋରମା ମାହୁନ୍ତ, ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ସ୍ୱାଇଁ, ଚେୟାରମ୍ୟାନ ସୁବାସ ସିଂହଙ୍କ ସମେତ ଶତାଧିକ ସ୍ୱୟଂ ସହାୟକ ଦଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦାବିଗୁଡିକ ମଧ୍ୟରେ ପଞ୍ଚାୟତସ୍ତରରେ ଏମବିକେ(ମାଷ୍ଟର ବୁକ୍ କିପର)ଙ୍କ ସ୍ଥାୟୀ ନିଯୁକ୍ତି, ଗ୍ରାମାଞ୍ଚଳରେ ସିଆରପିଙ୍କ ସ୍ଥାୟୀ ନିଯୁକ୍ତି, ଅର୍ଦ୍ଧ କୁଶଳୀ ଶ୍ରମିକ(ଏମବିକେ)ଙ୍କ ସର୍ବନିମ୍ନ ମଜୁରୀ ଦିନକୁ ୩୨୦ଟଙ୍କା କରିବା, ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଦିନକୁ ୨୮୦ କରିବା, ବ୍ଲକସ୍ତରୀୟ ପଦବୀରେ ଏମବିକେମାନଙ୍କୁ ଅଗ୍ରାଧିକାର ଦେବା ଆଦି ଦାବି ଏଥିରେ ଅନ୍ତର୍ଭୁକ୍ତ।

## ଏରସମା ବ୍ଲକ କଂଗ୍ରେସ ଓବିସି ସେଲ୍ ଗଠିତ

**ଏରସମା,୧୬।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ କଂଗ୍ରେସର ଓବିସି ସେଲ କମିଟି ଶୁକ୍ରବାର ଗଠିତ ହୋଇଛି। ବ୍ଲକ ଓବିସି ସେଲ ଅଧକ୍ଷ ପ୍ରମୋଦ ରାଉତଙ୍କ ସୁପାରିଶକ୍ରମେ ରାଜ୍ୟ ଓବିସି ସେଲ ଅଧକ୍ଷ ବିଷ୍ଣୁ ଚରଣ ବାରିକ ଏହାର କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି। କମିଟିର ଉପାଧକ୍ଷ ଭାବେ ମାନଗୋବିନ୍ଦ ଦାସ, ପ୍ରଫୁଲ୍ଲ ପାତ୍ର, ସତ୍ୟରଞ୍ଜନ ଜାନା, ସୁମନ୍ତ ବାରିକ, ସମୀର ସ୍ୱାଇଁ, କନଭେନର ଭାବରେ କୈଳାସ ମହାରଣା, ପୁଷ୍ପ ଦାସ, ଆଶୁତୋଷ ଦାସ, କ୍ଷୀରୋଦ ବେହେରା, ଉଲ୍ଲାସ ଦାସ, କ୍ଷୀରୋଦ ସାହୁ, ଏକାମ୍ର ନାୟକ ଓ ରଘୁନାଥ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି। ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ରାଜ୍ୟ ସଭା ଏମପି ରଞ୍ଜୀବ ବିଶ୍ୱାଳ, ପୂର୍ବତନ ଏମପି ବିଭୂ ପ୍ରସାଦ ତରାଇ, ପିସିସି ପ୍ରଚାର କମିଟି ସଭ୍ୟ ସାରଦା ପ୍ରସନ୍ନ ଜେନାଙ୍କୁ ଏହି କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି।

# ଗଣତନ୍ତ୍ରକୁ ସୁଦୃଢ଼ କରିଛି ଗଣମାଧ୍ୟମ

**ଜଗତ୍‌ସିଂହପୁର ଅଫିସ,୧୬।୧୧**



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅତିଥି।

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଏଥିରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଅନେକ ଆହ୍ୱାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗଣମାଧ୍ୟମ ଦ୍ୱାରା ଅନେକ ଖବର ଲୋକଲୋଚନ ଓ ପ୍ରଶାସନର ଦୃଷ୍ଟିକୁ ଆସିପାରୁଛି। ତେବେ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ରାଜ୍ୟ ଆହୁରି ଅଗ୍ରଗତି କରିପାରିବ ବୋଲି ସେ କହିଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ପୌରୋହିତ୍ୟ କରି ନିର୍ଭିକ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଗଣତନ୍ତ୍ରକୁ ଦୃଢ଼ କରିବାରେ ଗଣମାଧ୍ୟମର ଭୂମିକା ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭୂଅର୍ଜନ ଅଧିକାରୀ ବିବୁଧ କୁମାର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଭଦ୍ର ବେହେରାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ ଅଧିକାରୀ, ଓକିଲ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରଞ୍ଜନ କୁମାର ଦାସ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ କଲେଜ ଛକ ନିକଟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ନେଇ ଓପନ୍ କ୍ୱିଜ୍ ପ୍ରତିଯୋଗିତା ହୋଇଥିଲା।

**ବିରିଡ଼ି,(ଡି.ଏନ୍.ଏ.)/ବାଲିଆ:** ବିରିଡ଼ି ବ୍ଲକ ହାଜିପୁରସ୍ଥ ପବିତ୍ର ଧାନକୁଦ ପୀଠରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧାନକୁଦ ଜଗନ୍ନାଥ ମନ୍ଦିରର ବିଶ୍ୱାବସୁ ବିଭୁଦତ୍ତ ସାହୁ, ଆଷାଢ ସାହିତ୍ୟ ସଂସଦ ସମ୍ପାଦକ କବି ପୀତାମ୍ବର ମହାପାତ୍ର, ପ୍ରକୃତି ବନ୍ଧୁ ବନମାଳି ବେହେରା, ଖବରଦାତା ଡ. ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ କହିଥିଲେ। ଅରୁଣ

### ଜାତୀୟ ପ୍ରେସ୍ ଦିବସ ପାଳିତ

କୁମାର ଦାସ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଖବରଦାତା ସ୍ୱର୍ଗତ ଅଚ୍ୟୁତାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିରିଡି ବ୍ଲକ ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଏଥିରେ ବାବା ଅରକ୍ଷିତ ଦାସ ଉପଦେଷ୍ଟା ରହିଥିଲେ। ସେହିପରି ସଭାପତି ଭାବେ ଖବରଦାତା ଲକ୍ଷ୍ମୀକାନ୍ତ ଜେନା, ଉପସଭାପତି ଭାବେ ଅମରେଶ୍ୱର ଦାସ, ସମ୍ପାଦକ ଭାବେ ବସନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ରଞ୍ଜିତ ଖଣ୍ଡୁଆଳ, ସହସମ୍ପାଦକ ରଶ୍ମୀ ରଞ୍ଜନ ରାଉତରାୟ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ବିଜୟ କୁମାର ରାଉତ, ଏଜାଜ ଅହେମଦ ଓ ଏଜେଣ୍ଟ ପ୍ରମୋଦ କୁମାର ସାହୁ ପ୍ରମୁଖ ରହିଛନ୍ତି। ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଜିଲା ସାମ୍ବାଦିକ ସଂଘ ସଭାପତି ସୁଶିଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ପଲିକଣ୍ଠା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଜପା ସରପଞ୍ଚ ତପନ ଗଛାୟତ, ବ୍ଲକ ଆକାଉଣ୍ଟ ଅଫିସର ବିଭୂଦତ ମିଶ୍ର, ଗଡହରିଶପୁର ସରପଞ୍ଚ ଭୀମସେନ ରାଉତ, ପଏଦାର ପୂର୍ବତନ ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ଚନ୍ଦ୍ରଜିତ ଦାସ, ସ୍ମୃତି ରଞ୍ଜନ ମହାନ୍ତି, ପର୍ଶୁରାମ ମନ୍ତ୍ରୀ, ମନୋଜ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୀପ୍ତି ରଞ୍ଜନ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଏଥିରେ ସଂଘ ସଭାପତି ଅମରଜ୍ୟୋତି ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ନକ୍ସଲଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘର କୋଷାଧକ୍ଷ ରମାକାନ୍ତ ରାଉଳ, ଖବରଦାତା ଉପେନ୍ଦ୍ର ମହାନ୍ତି, ଉପସଭାପତି ଶ୍ରୀକାନ୍ତ ଦାଶ, ଟୁକନ ଚରଣ ସେଠୀ, ସମ୍ପାଦକ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରମୋଦ ଦାସ, ଜୟନ୍ତ ପରିଜା, ସୁଧାଂଶୁ ଶେଖର ପୃଷ୍ଟି, ରଞ୍ଜନ ଖୁଣ୍ଟିଆ, ରମେଶ ମହାନ୍ତି, ସୁଶୀଲ ମହାପାତ୍ର, ନିଶାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ରଘୁନାଥପୁର,(ଡି.ଏନ.ଏ.):** ରଘୁନାଥପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦବିସ ପାଳିତ ହୋଇଛି। ଖବରଦାତା ଦିପ୍ତୀରଞ୍ଜନ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧକ୍ଷ ଅଜୟ କୁମାର ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖବରଦାତା ତପନ ସ୍ୱାଇଁ, କଲ୍ୟାଣ ସେନ୍, ମୁଜନ ମୁଦୁଲି, ପ୍ରଦୀପ୍ତ ନାୟକ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ

**ଜଗତ୍‌ସିଂହପୁର ଅଫିସ,୧୬।୧୧**

ସିପିସ୍ଥିତ ମା ସୁବର୍ଣ୍ଣବରାହୀ ମନ୍ଦିର ପ୍ରାଙ୍ଗଣରେ ଏକାଦଶ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଛି। ଗତ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞ ହୋଇଥିଲା। ଏଥିରେ ବ୍ୟାସ ଭାବେ ପଣ୍ଡିତ ପ୍ରଫୁଲ୍ଲ କୁମାର ପତି ଓ ବିଶ୍ୱନାଥ ନନ୍ଦ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ରାଜେଶ କୁମାର ମିଶ୍ର ଏବଂ ଗତନାଥ ପରିଡ଼ାଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନ ଦିବସରେ ମା ସୁବର୍ଣ୍ଣବରାହୀ କମିଟି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ଯୋଗ ଦେଇଥିଲେ। ବିଭିନ୍ନ ଦିବସରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବିପିନ ବିହାରୀ ସାମଲ, ସୁରେଶ ଚନ୍ଦ୍ର ମାହାଳୀ, ପ୍ରେମ ସାଗର ବାବା ଅରକ୍ଷିତ ଦାସ ପ୍ରମୁଖ ପ୍ରବଚନ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ସନ୍ଥ ପୂଜନ ହୋଇଥିଲା। ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ଗୋଠଦା ମଠର ମହନ୍ତ ଚିନ୍ତାମଣୀ ପର୍ବତ, ରାଧାବଲ୍ଲଭ ମଠ ମଠାଧୀଶ ରାମକୃଷ୍ଣ ଦାସମହାରାଜ, ପର୍ଶୁରାମ କ୍ଷେତ୍ର ତୁଳଙ୍ଗର ମଠାଧୀଶ ମହନ୍ତ ଜଗନ୍ନାଥଦାସ ମହାରାଜ, ଜଗନ୍ନାଥ ସେବାଶ୍ରମର ବାଇଧର ବାବା, ତରଭଙ୍ଗା ମଠର ଅଶୋକାନନ୍ଦ ମହାରାଜ, ଗିରିଶ ବାବା ପ୍ରମୁଖ ଉପସ୍ଥିତ ଭକ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ୧୧ ଜଣ ଶ୍ରୋତାଙ୍କୁ ସମ୍ମାନିତ କରାଯାଇଥିଲା। ଡିସେମ୍ବର ୧୧ରୁ ୧୫ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ସମ୍ପାଦକ ଭବାନୀ ପ୍ରସାଦ ଦାଶ, ସଭ୍ୟ ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

**ପଟ୍ଟାମୁଣ୍ଡାଇ, ୧୬।୧୧ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୁଳବସନ୍ତ ପଞ୍ଚାୟତ ନପଙ୍ଗ ଗ୍ରାମର ଭାଗଚାଷୀ ଗୌରାଙ୍ଗ ଚନ୍ଦ୍ର କାପ ଶୁକ୍ରବାର ଅପରାହ୍ନରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କେନ୍ଦ୍ରାପଡ଼ା ସହରର ତିନିମୁହାଣି ପାର୍ଶ୍ୱସ୍ଥ ଗୋବରୀ ନଦୀ କୂଳରେ ଗୌରାଙ୍ଗଙ୍କ ମୃତଦେହ ପଡ଼ିଥିବା ଦେଖି ଖବରପାଇ ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ମୁତାବକ, ଗୌରାଙ୍ଗ ନସିପୁର ଗ୍ରାମର ଶିବରାମ ଦାଶଙ୍କ ୩ ଏକର ଜମିରେ ଧାନ ଚାଷ କରିଥିଲେ। ଧାର କରଜ କରି ଚାଷ କରିଥିବା ବେଳେ ଲଗାଣ ବର୍ଷା ଓ ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ତେବେ ଧାର ଟଙ୍କା ସୁଝିବା ନେଇ ସେ ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ ବୋଲି ନପଙ୍ଗ ଗ୍ରାମର ମା'ବୁଢ଼ୀ ଜାଗୁଲାଇ କୃଷକ ସଂଘ ସଭାପତି ବାବୁରାମ ନାୟକ କହିଛନ୍ତି। ଏଥିସହ ଏ ନେଇ ଘର ଲୋକଙ୍କ ସହ ବିଭିନ୍ନ ସମୟରେ କଳି ଝଗଡ଼ା ଲାଗୁଥିଲେ। ଶୁକ୍ରବାର ସକାଳେ ସେ ଘରୁ କେଉଁଆଡେ କେଉଁ ଆଡ଼େ ବାହାରି ଯାଇଥିଲେ ବୋଲି ତାଙ୍କ ସ୍ତ୍ରୀ ଜାନକୀ କହିଛନ୍ତି। ତେବେ ଅପରାହ୍ନରେ ତିନିମୁହାଣି ନିକଟସ୍ଥ ରାମ ମନ୍ଦିର ପଛରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ଗୌରାଙ୍ଗ ଆତ୍ମହତ୍ୟା ଖବରପାଇ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ଘଟଣାର ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ପଟ୍ଟାମୁଣ୍ଡାଇ ତହସିଲଦାର ସରୋଜ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଶାସନ,ଖବରଦାତା ମଧ୍ୟରେ ସମନ୍ୱୟ ରହିବା ଜରୁରି

**ମହାକାଳପଡା, ୧୬।୧୧ (ଡି.ଏନ୍.ଏ.):** ମହାକାଳପଡା ବ୍ଲକର ପୂର୍ତ୍ତବିଭାଗ ବଙ୍ଗଳାରେ ଶୁକ୍ରବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାକାଳପଡା ପ୍ରେସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ବିଡିଓ ରମେଶ ଚନ୍ଦ୍ର ସେଠୀ ଓ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଅତିଥିଭାବେ ଯୋଗଦେଇ ଜାତୀୟ ପ୍ରେସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାସନ ଓ ଖବରଦାତା ମଧ୍ୟରେ ସମନ୍ୱୟ ରହିବା ସହ ବିକାଶ ମୂଳକ କାର୍ଯ୍ୟରେ ସହଭାଗିତା ଜରୁରି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ଦାସ, ସଞ୍ଜୟ ଦାସ, ଅଶୋକ ସ୍ୱାଇଁ, କଳ୍ପତରୁ ସାମଲ, ସମରେନ୍ଦ୍ର ମାହାଳି ଓ ସୁବାସ ସାହୁ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ।

### ଜାତୀୟ ଗଣ ମାଧ୍ୟମ ଦିବସ ପାଳିତ

**ସୁକିନ୍ଦା, ୧୬।୧୧(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀସ୍ଥିତ ସୁକିନ୍ଦା ପ୍ରେସ୍ କ୍ଲବ ପରସରରେ ଶୁକ୍ରବାର ଜାତୀୟ ଗଣ ମାଧ୍ୟମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ସଭାପତି ବିଶ୍ୱଜିତ ନାୟକ ଯୋଗଦେଇ ସମାଜ ସଂସ୍କାର ଦିଗରେ ଗଣମାଧ ଏବଂ ଖବରଦାତାଙ୍କ ଭୂମିକା ସମ୍ପର୍କରେ ସଙ୍ଘ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ସାମଲ, ବିମଳେନ୍ଦୁ ବେହୁରା, ସତ୍ୟଜିତ ଦାଶ, ବିଶ୍ୱନାଥ ସାହୁ, ସରୋଜ ନାୟକ, ଅସିତ କୁମାର ମହାନ୍ତ ଏବଂ ସଞ୍ଜୀବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲମ୍ବୋଦର ଦଳବେହେରା, କପିଳେନ୍ଦ୍ର ମହାନ୍ତ, ମନୋଜ ନାୟକ, କୈଳାଶ ନାୟକ, ସୌମ୍ୟ ରଞ୍ଜନ ବାରିକ, ସେଖ୍ ଜହୁର, ରୋହିତ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ପ୍ରେମୀଙ୍କ ବନ୍ଧୁ ମିଳନ

**ଧର୍ମଶାଳା, ୧୬।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ପୀଠରେ ବୁଧବାର ପୁରୁଣା ବିଜୁପ୍ରେମୀଙ୍କ ଏକ ବନ୍ଧୁମିଳନ ପର୍ବ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧିର ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ନିରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ବିରଳ ଦାସ, ଅନ୍ୟତମ ଅତିଥି ଭାବେ ଯୁବ ସଂଗଠକ ରବୀନ୍ଦ୍ର ଧୀର, ଚିନ୍ତାମଣି ସୂର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପ୍ରଧାନ, ଗୋବିନ୍ଦ ଧୀର, ଶିଶିର ଶତପଥୀ, ସୁବାସ ସାହାଣୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

■ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

# ଜାଗ୍ରତପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି ଖବରଦାତା


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୧୬।୧୧**

ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ପ୍ରେସ କ୍ଲବ ପରିସରରେ ଶୁକ୍ରବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପରେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି, ସମ୍ପାଦକ ଗଗନ ବିହାରୀ ଜେନା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ଖବର ପରିବେଷଣ, ଖବରଦାତାର ଭୂମିକା ଓ ସମାଜ ପାଇଁ ସମ୍ବେଦନଶୀଳତା ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ କହିଥିଲେଯେ, ଭାରତୀୟ ସମ୍ବିଧାନ ବ୍ୟବସ୍ଥାପକ, ନ୍ୟାୟପାଳିକା ଓ ପ୍ରଶାସନକୁ ଗୁରୁତ୍ୱ ଦେଇଛି । ଖବରଦାତାମାନେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରି କରି ସମାଜର ବହୁ ଅନାଲୋଚିତ ତଥ୍ୟକୁ ସାମନାକୁ ଆଣୁଛନ୍ତି । ଏଥିପାଇଁ ବିଭିନ୍ନ ସମୟରେ ଖବରଦାତାଙ୍କ ଜୀବନ ଅସୁରକ୍ଷିତ ହୋଇପଡିଛି । ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ସହ ସାମାଜିକ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ସମ୍ପ୍ରତି ବ୍ୟବସ୍ଥାପକଙ୍କ ପାଇଁ ଆହ୍ୱାନ ହୋଇଛି । ଏହି ସମ୍ମିଳନୀରେ ବୁଦ୍ଧିଜୀବୀ ବିଧୁଭୂଷଣ ମହାପାତ୍ର, ରବିନାରାୟଣ ପତି, ଅମରବର ବିଶ୍ୱାଳ ଓ ଆଶିଷ କୁମାର ସେନାପତି ପ୍ରମୁଖ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ନିଜର ମତ ଉପସ୍ଥାପନ କରିଥିଲେ । ସେହିପରି ଡିଆରଡିଏ ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ପ୍ରେସ ଦିବସ ପାଳନ କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସଂଯୋଜନାରେ ଡିଜିଟାଲ ଯୁଗରେ ସାମ୍ବାଦିକତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ, ଡିଏସପି ରଞ୍ଜନ କୁମାର ଦେ ଓ ସଂସ୍କୃତି ଗବେଷକ ହୃଷିକେଶ ରଥ ଆଲୋଚକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନା ଚକ୍ରରେ ପରିକ୍ଷିତ ପାତ୍ର, ମାତୃଦତ୍ତ ମହାନ୍ତି, ଚିତ୍ତରଞ୍ଜନ ଦାସ ଓ ପରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ପରିଚାଳନା କରିଥିଲେ ।

# ଭାଜପାର ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଭାଜପା କର୍ମୀମାନେ।

**ରାଜନଗର, ୧୬।୧୧ (ଡି.ଏନ୍.ଏ.)**

ଭାଜପା କର୍ମୀମାନେ ଗାଁକୁ ଗାଁ ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଲୋଚନକୁ ଆଣିବେ। ଏନେଇ ଭାଜପା ପକ୍ଷରୁ ଆସନ୍ତା ୨୦ ତାରିଖରୁ ଜନ ପରାମର୍ଶ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ରାଜନଗର ନିର୍ବାଚନ ମଣ୍ଡଳୀରଠାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଜିଲା ମିଡିଆ ପ୍ରଭାରୀ ବିଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ରାଜନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗଗନ ସାହୁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବ ନେତୃତ୍ୱ ଅଜୟ କୁମାର ବେହେରା, ଭାଜପା ନେତା ରଶ୍ମିରଞ୍ଜନ ପ୍ରଧାନ, ସମୀର ପାତ୍ର, ହିମାଂଶୁ ପଣ୍ଡା, କୈଳାସ ଚନ୍ଦ୍ର ପରିଡ଼ା, ଦେବାଶିଷ ରାଉତଙ୍କ ସମେତ ଦଳର ଆଗଧାଡିର କର୍ମୀମାନେ ଯୋଗଦେଇଥିଲେ।

## ଦିନକର କାହାଣୀ

# କୂଳ ବେଉସାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛି

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନ ନଗର ପଞ୍ଚାୟତ ଦଳବାହଡ ଗାଁର ଅଜୟ ବେହେରା ତାଳ,ପଇଡ ଅବା ନଡିଆ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଏବେ ସେ ୫୦ ବର୍ଷରେ ଉପନୀତ ହୋଇଥିବା ବେଳେ ବାପ ଅଜା ଅମଳରୁ ଏହି ବେଉସାକୁ ଆଦରି ନେଇଛନ୍ତି। ପୂର୍ବରୁ ତାଳ ଓ ନଡିଆ ତୋଳି ପରିବାର ଚଳାଉଥିବା ବେଳେ ଏବେ ବ୍ୟବସାୟ କରିବା କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଏବେ ତାଳ ପ୍ରାୟ ମିଳୁ ନ ଥିବା ବେଳେ ନଡିଆ ଅବା ପଇଡ ଅଧିକ ମିଳୁନାହିଁ। କିନ୍ତୁ କୂଳ ବେଉସାକୁ ଜୀବନ ବ୍ରତ ଭାବେ ଗ୍ରହଣ କରିଥିବାରୁ ଏହି ବ୍ୟବସାୟକୁ ଛାଡି ପାରୁନାହାନ୍ତି ବୋଲି ସେ କହିଛନ୍ତି। ପରିବାର କହିଲେ ବାପା ଦାଶରଥି, ବୋଉ ଅମ୍ବିକା, ସ୍ତ୍ରୀ ସସ୍ମିତା ୩ଝିଅ ଓ ଗୋଟିଏ ପୁଅକୁ ବୁଝାଏ । ଏହି ବ୍ୟବସାୟ ପାଇଁ ବଡି ଭୋରରୁ ସେ ଭଙ୍ଗା ସାଇକେଲ ଖଣ୍ଡେ ଧରି ସାଙ୍ଗରେ କତୁରୀ ଓ ଦଉଡି ନେଇ ପଇଡ ତୋଳିବାକୁ ବାହରି ପଡନ୍ତି। ଏବାଦଦରେ ଗଛ ମାଲିକମାନେ ତାଙ୍କୁ ୪୦ରୁ ୫୦ ଟଙ୍କା ଦେଇଥାନ୍ତି। ପରେ ଗଛରୁ ସଂଗୃହିତ ପଇଡ ମାଲିକଙ୍କ ଠାରୁ କିଣି ବାଟୋଇଙ୍କୁ ବିକ୍ରି କରିଥାନ୍ତି। ପ୍ରତି ପଇଡକୁ ୧୦ରୁ ୨୦ ଟଙ୍କା ଦରରେ ବିକ୍ରି ହୁଏ ବୋଲି ଅଜୟ କହନ୍ତି। ମାତ୍ର ବେଳେବେଳେ ପଇଡ ଅବା


ଅଜୟ ବେହେରା

ନଡିଆ ମିଳି ନ ଥାଏ। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡେ ବୋଲି ସେ କହନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରୁଥିବା ବେଳେ ଏସବୁ ସରକାରୀ ସୁବିଧା ତାଙ୍କୁ ମିଳୁନାହିଁ ବୋଲି ଅଜୟ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅଦ୍ୟାବଧି ଇନ୍ଦିରା ଆବାସ, ବିଜୁ ଅବା ପ୍ରଧାନମନ୍ତ୍ରୀ ପକ୍କାଘର ଯୋଜନାରେ ତାଙ୍କୁ ଘରୁ ଖଣ୍ଡେ ମିଳିପାରୁନାହିଁ ବୋଲି ସେ କହିଛନ୍ତି। ଅନେକ ବାର ପ୍ରଶାସନର ଦାରସ୍ଥ ହୋଇ ନିରାଶ ହୋଇଛନ୍ତି। ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଥିଲେ ମଧ୍ୟ ମଧ୍ୟ କୂଳ ବେଉସାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ଅଜୟ କହନ୍ତି।

**ରିପୋଟ–ଭାସ୍କର ରାଉତରାୟ, ରାଜନଗର**

### ବିଜେଡିର ମିଶ୍ରଣ ପର୍ବ

**ରାଜକନିକା, ୧୬।୧୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ କାଟଣା–ବଣିଆ ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବେଣୁଧର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି ପଦଯାତ୍ରା କାଟଣା କପିଳେଶ୍ୱରଙ୍କ ପୀଠରୁ ଆରମ୍ଭ ହୋଇ ବଣିଆ, ସିଙ୍ଗିଡ଼ି, ଖଣ୍ଡେଇତା, ପାଣ୍ଡରକୋଲି, ବାଜପୁର, ଗାରଡ଼ପୁର, ମଦରଙ୍ଗାପାଟ, ବିରାଡିଆ, ଜୟକୁଣ୍ଡା, ପତରପୁର, ବିଶାବାଟ, ଧାମରା, ଖାଡ଼ମାଳ ଆଦି ଗ୍ରାମ ପରିକ୍ରମା କରି କପିଳେଶ୍ୱରଙ୍କ ପୀଠରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, କାଟଣା ସମିତି ସଭ୍ୟା ସୁଚିତ୍ରା ସେଠୀ, ପର୍ଯ୍ୟବେକ୍ଷକ ଭାବେ କପିଳେନ୍ଦ୍ର ମଲ୍ଲିକ, ହରିଶ୍ଚନ୍ଦ୍ର ମହାପାତ୍ର, ଅରୁଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପଞ୍ଚାୟତର ନରୋତ୍ତମ ବେହେରା, ନକୁଳ ବେହେରା, ଶତ୍ରୁଘ୍ନ ନାୟକ, ବ୍ରଜକିଶୋର ବେହେରା, ରମାକାନ୍ତ ନାୟକ, ରମାକାନ୍ତ ରାଉତ, ଗୌରୀରାଣୀ ନାୟକ, ଅଭିମନ୍ୟୁ ନାୟକ, ଫକୀର ଚନ୍ଦ୍ର ବାରିକ୍, ଗଜେନ୍ଦ୍ର ବାରିକ୍, ଜୟରାମ ବାରିକ୍, ଲମ୍ବୋଦର ସେଠୀ, ଭାରତୀ ସ୍ୱାଇଁ, ନରେନ୍ଦ୍ର କରଣ, ଅକ୍ଷୟ ବିଶ୍ୱାଳ, ତଉଲି ବିଶ୍ୱାଳ, ହରେକୃଷ୍ଣ ବେହେରା, ଲଳିତ ସାହୁ, ରବିନାରାୟଣ ବିଶ୍ୱାଳ, ନରୋତ୍ତମ ପୋଲାର, ଜୟରାମ ଜେନା, ମହେନ୍ଦ୍ର ବେହେରା, ବିକ୍ରମ ବେହେରା, ରଞ୍ଜନ ରାଉତ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ। କିଶୋର ପଣ୍ଡା, ନିରଞ୍ଜନନ ପଣ୍ଡା, ଗୋବର୍ଦ୍ଧନ ବେହେରା, ଅନନ୍ତ ନାୟକ, ମନୋରଞ୍ଜନ ଜେନା, ଶତ୍ରୁଘ୍ନ ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଧ୍ରୁବଚରଣ ସ୍ୱାଇଁ ପ୍ରତିଭା ସମ୍ମାନ ଉତ୍ସବ

**ମାର୍ଶାଘାଇ, ୧୬।୧୧ (ଡି.ଏନ୍.ଏ.)**


ଧ୍ରୁବ ଚରଣ ସ୍ୱାଇଁ ପ୍ରତିଭା ସମ୍ମାନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ସ୍ୱର୍ଗତ ଧ୍ରୁବ ଚରଣ ସ୍ୱାଇଁ ପ୍ରତିଭା ସମ୍ମାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ଅଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରସାର କରିଥିବା ସ୍ୱର୍ଗତ ଧ୍ରୁବଚରଣ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ପ୍ରତିଭା ସମ୍ମାନ ଉତ୍ସବରେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ଝିଅ ଶାନ୍ତିଲତା ସାମଲ ଏବଂ ପୁଅ ନଗେନ୍ଦ୍ର କୁମାର ସ୍ୱାଇଁଙ୍କ ଦ୍ୱାରା ପ୍ରଦତ୍ତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ଜେନାଙ୍କ ଆତ୍ମାର ସଦ୍‌ଗତୀ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଏ. ଜେନା, ଚନ୍ଦ୍ରମଣି ସାହୁ, ପଞ୍ଚାୟତ ସମିତି ପୂର୍ବତନ ଉପାଧ ଉପେନ୍ଦ୍ର ବେହେରା, ମାର୍ଶାଘାଇ ସରକାରୀ କେନ୍ଦ୍ରୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧିକାରୀ ରବିନାରାୟଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ମାର୍ଶାଘାଇ ଉପ୍ରା ବିଦ୍ୟାଳୟର ୭ମ ଶ୍ରେଣୀ ଓ ମାର୍ଶାଘାଇ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହାଣି ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ତ୍ରିପାଠୀଙ୍କୁ ନଗଦ ୪୦୦୦ଟଙ୍କା ଲେଖାଏଁ ଓ ଉପ୍ରା ବିଦ୍ୟାଳୟର ଛାତ୍ରୀ ମୋନାଲିସା ନାୟକଙ୍କୁ ନଗଦ ୨୦୦୦ଟଙ୍କା ଏବଂ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ବେହେରାଙ୍କୁ ୧୦୦୦ ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ବସନ୍ତିଆ ଧନ୍ୟବାଦ ଦେଇଥିଲେ। ରଞ୍ଜନ କୁମାର ସ୍ୱାଇଁ ଓ ଗୋପୀନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ବ୍ରାହ୍ମଣୀ ନଦୀ ଶଯ୍ୟା ବାଲି ଉଠା ପ୍ରସଙ୍ଗ

# ପ୍ରଶାସନର ପକ୍ଷ ମାଗିଲା ଏନ୍‌ଜିଟି ଖଣ୍ଡପୀଠ

**କେନ୍ଦ୍ରାପଡା ଅଫିସ/ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.),୧୬।୧୧**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ବ୍ରାହ୍ମଣୀ ନଦୀ ଶଯ୍ୟାରୁ ବେଆଇନ ଭାବେ ପ୍ରତିଦିନ ବାଲି ଉଠାଣ ହେଉଛି । ଏଥିପାଇଁ ସ୍ଥାନୀୟ ଅଞ୍ଚଳର ନଦୀବନ୍ଧ ଓ ଆଖପାଖ ପରିବେଶ ନଷ୍ଟ ହେଉଛି । ଏଭଳି ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇର ମନୋରଞ୍ଜନ ପ୍ରଧାନ ଓ ଅନ୍ୟମାନେ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ । ଚଳିତ ୧୨ ରେ ଏନଜିଟି ଖଣ୍ଡପୀଠର ଜଷ୍ଟିସ ଏସପି ୱାଙ୍ଗଡି ଏବଂ ଡ. ଏନ ନନ୍ଦ ଏହାର ଶୁଣାଣି କରିଥିଲେ। ଆସନ୍ତା ଡିସେମ୍ବର ୧୭ ସୁଦ୍ଧା ଜିଲା ପ୍ରଶାସନ ଏହାର ପକ୍ଷର ରଖିବା ପାଇଁ ଏନ୍‌ଜିଟି ପକ୍ଷରୁ ଚିଠି ହୋଇଛି। ତେବେ ଅଭିଯୋଗରେ ସତ୍ୟତା ଥିଲେ ବାଲି ଉଠାଣ ବନ୍ଦ କରିବାକୁ ଏହି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟଯେ, ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଶଯ୍ୟାର ନିମପୁର, ଚରନରେନ୍ଦ୍ରପୁର ଓ ଅଳଭା ଆଦି ଅଞ୍ଚଳରେ ବେଆଇନ ଭାବେ ବାଲି ଉଠାଣ ହେଉଥିଲା। ସରକାରୀ ଜମିରୁ ବେଆଇନ ଭାବେ ଟ୍ରିପ୍ ଟିପ୍ ବାଲି ଉଠାଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ଉତିକଣରେ ବନ୍ୟା ସୁରକ୍ଷା ବନ୍ଧ ଓ ଉର୍ବର ଚାଷ ଜମି ପ୍ରତି ଏହା ବିପଦ ସୃଷ୍ଟି କରଥିଲା। ସ୍ଥାନୀୟ ତହସିଲଦାର ଓ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶେଷରେ ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ପ୍ରାରମ୍ଭିକ ଶୁଣାଣି ଆରମ୍ଭ ହୋଇଛି । ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ବେଆଇନ୍ ବାଲି ଖାଦାନ ଚାଲୁଛି । ସ୍ଥାନୀୟ ତହସିଲଦାର ଆଇନକୁ ଉପେକ୍ଷା କରି ବାଲି ଉଠାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ନଦୀ ଓ ପରିବେଶ କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଏହି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ନଦୀ ପାର୍ଶ୍ୱ ଜମି ସହ ପରିବେଶ ସୁରକ୍ଷା ପାଇଁ ମୁଖ୍ୟ ଶାସନ ସଚିବ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ନୋଟିସ୍ ଜାରି କରିଛି । ଏସମ୍ପର୍କରେ ଜିଲା ପ୍ରଶାସନ ଡିସେମ୍ବର ୧୭ ସୁଦ୍ଧା ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛି । ଆବେଦନକାରୀଙ୍କ ପକ୍ଷରୁ ଆଡ଼ଭୋକେଟ ଦେବାଶିଷ ତ୍ରିପାଠୀ ମୋକଦ୍ଦମା ପରିଚାଳନା କରୁଛନ୍ତି।

# ମହିପାଳିନୀ ନାଟ୍ୟ ପରିଷଦ ସମ୍ବର୍ଦ୍ଧିତ


ମହିପାଳିନୀ ନାଟ୍ୟ ପରିଷଦର ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଡେରାବିଶ, ୧୬।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ଲକ୍ଷ୍ମୀନାରାୟଣପୁରସ୍ଥିତ ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ଗତ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋଲରାହାଟ ପ୍ରାଥମିକ ସେବା ସମବାୟ ସମିତି ସଭାପତି ବୈଷ୍ଣବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମର ବୁଣାକାର ପରିବାର ପକ୍ଷରୁ ପ୍ରତିବର୍ଷ ଖୁବ୍ ଧୁମ୍‌ଧାମ୍‌ରେ ଗୀରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଥିବାରୁ ମୁଖ୍ୟଅତିଥି ଆୟୋଜକଙ୍କ ପ୍ରଶଂସା କରିଥିଲେ। ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ସାହୁ, ଚାଟରାଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ଗୋଲରାହାଟର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ସାମାଜିକ କର୍ମୀ ରାଜକିଶୋର ମଲ୍ଲ, ବିପିନ ବିହାରୀ ସାହୁ, ଗ୍ରାମର ମୁରବୀ ସୁରେନ୍ଦ୍ର ଘଡେଇ ଓ ବେଣୁଧର ଘଡେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉକ୍ତ ପୂଜା ମଣ୍ଡପରେ ଗତ ୩ ଦିନ ଧରି ରାମଲିଳା ଗିତିନାଟ୍ୟ ପ୍ରଦର୍ଶିତ କରି ଆସୁଥିବା କେନ୍ଦ୍ରାପଡାର ମହିପାଳିନୀ ନାଟ୍ୟ ପରିଷଦର ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପୂଜା କମିଟି ମୁରବି କୁଞ୍ଜବିହାରୀ ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଷ୍ଣୁଚରଣ ଘଡେଇ ଧନ୍ୟବାଦ ଅର୍ପନ କରିଥିଲେ। ଗୋପୀନାଥ ବେହେରା, ସୁଧୀର ବେହେରା, ପ୍ରଦୀପ ଦଣ୍ଡପାଟ, ପ୍ରଭାକର ବେହେରା, କୈଳାସ ବେହେରା, ଅଭିମନ୍ୟୁ ଦଣ୍ଡପାଟ, ସୁନାକର ବେହେରା ଓ ହୃଷୀକେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ।

■ ସାତକୋଶିଆରେ ମହାବଳ ମହାବୀର ମୃତ୍ୟୁ ଘଟଣା

# ଘଟଣାସ୍ଥଳରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ

**ବନ୍ତଳା, ୧୬।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କାହ୍ନାରୁ ଆସିଥିବା ମହାବଳ ମହାବୀର ମୃତ୍ୟୁ ଘଟଣାର ଅନୁଧାନ ଆରମ୍ଭ କରିଛି ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଓ ଡବ୍ଲ୍ୟୁଆଇଆଇ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ ଓ ଡବ୍ଲ୍ୟୁଆଇଆଇର ବରିଷ୍ଠ ବିଶେଷଜ୍ଞ ଡ. କେ. ରମେଶ ଶୁକ୍ରବାର ଅନୁଗୋଳରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଦୁଇ ବିଶେଷଜ୍ଞ ସାତକୋଶିଆରେ ରହି


ବନ ବିଭାଗ ବଙ୍ଗଳାରେ ଏନ୍‌ଟିସିଏ ଆଇଜି ଓ ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ।

ତନ୍ନତନ୍ନ କରି ଘଟଣାର ଯାଞ୍ଚ କରିବେ। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜର ମଧ୍ୟରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି। ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇର ଦୁଇ ଅଧିକାରୀ ପହଞ୍ଚିବା ପରେ ପ୍ରଥମେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ସ୍ଥାନୀୟ ଅଧିକାରୀମାନଙ୍କୁ ଭେଟିଥିଲେ। ଅପରାହ୍ନରେ ଉଭୟ ବିଶେଷଜ୍ଞ ମହାବୀରର ମୃତ୍ୟୁ ସ୍ଥାନ ପରିଦର୍ଶନ କରି ତଦନ୍ତ କରିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସରୋଜ କୁମାର ପଣ୍ଡା, ଘନଶ୍ୟାମ ମହାନ୍ତି, ସାତକୋଶିଆ ପ୍ରାଣୀ ଡାକ୍ତର ଡ. କିଶୋର କୁମାର ସାହୁ, ଡବ୍ଲ୍ୟୁଆଇଆଇ ମନିଟରିଂ ଟିମ୍ ସଦସ୍ୟ ଡ. ସ୍ୱରୂପ କୁମାର ସାହୁ ପ୍ରମୁଖ ସେମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବିଶେଷଜ୍ଞମାନେ ରାଇଗୁଡ଼ାରେ ଥିବା ଖବର ମିଳିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ Bhubaneswar, Saturday, November 17/ 2018

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ମୟୂରଭଞ୍ଜ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି।

**ଚଣ୍ଡିଖୋଲ,୧୬।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଶାସନପୁରୁଷୋତ୍ତମପୁରସ୍ଥିତ ଶହୀଦ ସିଦ୍ଧୁ କାହ୍ନୁ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ତରଫରୁ ଖଏରା ଖେଳ ପଡ଼ିଆଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କଟକ ଓ ମୟୂରଭଞ୍ଜ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ୪/୧ ଗୋଲରେ କଟକକୁ ହରାଇ ବିଜୟୀ ହୋଇଥିଲା। ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ୮ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ମୁଖ୍ୟ ଅତିଥି, ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ସମ୍ମାନିତ ଅତିଥି, ଜିଲାପରିଷଦ ସଭ୍ୟା ସୁମତୀ ବାସ୍କେ ଓ ବଡ଼ଚଣା ସରପଞ୍ଚ ଭାଗ୍ୟଧର ପ୍ରଧାନ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲା ବେଳେ କଟକକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ।

# ସମିତି ସଭ୍ୟ ଉପନିର୍ବାଚନ: ମଇଦାନରେ ରହିଲେ ୪ ପ୍ରାର୍ଥୀ

**ଚଣ୍ଡିଖୋଲ,୧୬।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ ଆସନ୍ତା ଡିସେମ୍ବର ୬ ତାରିଖରେ ହେବ। ଏଥିପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଥିଲା। ୮ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲା ବେଳେ ୪ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏବେ ଉପାସନା ପାତ୍ର, ନିବେଦିତା ସାମଲ, ନିରୁପମା ସାହୁ ଓ ରୋଜାଲିନ୍ ଭୂୟାଁ ଉପନିର୍ବାଚନ ମଇଦାନରେ ରହିଥିବା ନିର୍ବାଚନ ଅଧିକାରୀ ଓ ବଡ଼ଚଣା ବିଡିଓ ସୂଚନା ଦେଇଛନ୍ତି। ଶନିବାରଠାରୁ ଜୋରଦାର ପ୍ରଚାର ପ୍ରସାର ଚାଲିବ ବୋଲି ଜଣାପଡ଼ିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଡୁବୁରୀ, ୧୬।୧୧(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ପୋଲିସ ଶୁକ୍ରବାର ଗୋବରଘାଟିସ୍ଥିତ ଝାଟିଆ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର କରିଛି। ମୃତ ମହିଳା ଜଣଙ୍କ ଗୋବରୀଘାଟିସ୍ଥିତ ଫେଜ-୨ ଟାଟା କଲୋନୀର ଦୂତିକା ପାଳିଆ (୫୦)। ପୋଲିସ ଏକ ଅପମୃତ୍ୟୁ ମାମଲା (୨୫/୨୦୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଟାଟା କାରଖାନା ନିମନ୍ତେ ଗାଡ଼ପୁର ଗ୍ରାମର ଦୂତିକା ବିସ୍ଥାପିତପରେ ଗୋବରଘାଟିସ୍ଥିତ କଲୋନି-୨ରେ ରହୁଥିଲେ । ଦୂତୀଙ୍କ ୭ଟି ଝିଅପୁଅ ଅଛନ୍ତି। ଅବିବାହିତ ଭାବେ ତାଙ୍କ ନିକଟରେ ଜଣେ ପୁଅ ଓ ୨ଟି ଝିଅ ରହୁଥିଲେ। ଗୁରୁବାର ରାତିରୁ ଦୂତିକା ଘରୁ କେଉଁଆଡେ ପଳାଇ ଆସିଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କ ସନ୍ଧାନ ମଳିପାରି ନ ଥିଲା। କଲୋନୀ ନିକଟ ଝାଟିଆ ଜଙ୍ଗଲରେ ଏକ ଗଛରେ ତାଙ୍କ ମୃତ ଦେହ ଝୁଲିଥିବା ଜାଣିବାକୁ ପାଇଥିଲେ ବୋଲତ ପରିବାର ଲୋକେ କହିଛନ୍ତି। ତେବେ ଦୂତିକା ଗ୍ରାମରେ ଗୁଣିଗାରେଡି କରୁଥିବା ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି।




# ୩ଦିନ ପରେ କୂଅରୁ ମିଳିଲା ଛାତ୍ରଙ୍କ ମୃତଦେହ

**କାଳିଆପାଣି, ୧୬।୧୧(ଡି.ଏନ୍.ଏ.)**

କାଳିଆପାଣି ଥାନା ଅନ୍ତର୍ଗତ ମହୁଲଖାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତିନିଦିନ ପରେ ଗ୍ରାମର ଏକ କୂଅରୁ ଜଣେ ନିଖୋଜ ଛାତ୍ରଙ୍କ ମୃତ ଦେହକୁ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ମୃତ ଶିଶୁ ଜଣଙ୍କ ମହୁଲଖାଲ ଗ୍ରାମର ରଘୁନାଥ ମୁଣ୍ଡାଙ୍କ ପୁଅ ଜନ୍ ମୁଣ୍ଡା (୮)। ପ୍ରକାଶ ଯେ, ଗତ ବୁଧବାର ରଘୁନାଥଙ୍କ ପୁଅ ଜନ୍ ଗ୍ରାମ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇଥିଲେ। ସ୍କୁଲ ଛୁଟି ପରେ ଜନ୍ ଘରକୁ ଫେରି ନ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲେ। କୁଅରେ ଜନ୍‌ଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାରକୁ ଖବର ଦେବା ସହ କାଳିଆପାଣି ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜ ହୋଇ ନ ଥିବା ଜଣାପଡ଼ିଛି। ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ



ଜଣେ ଭଦ୍ର ଦରିଦ୍ର ଜଣେ ଭଦ୍ର ଧନୀଠାରୁ ଉତ୍କୃଷ୍ଟ। କାରଣ ସେ ଅଧିକ ପ୍ରଲୋଭନର ପ୍ରତିରୋଧ କରିପାରିବ।

- ଲିଭିଙ୍ଗଷ୍ଟୋନ



## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୨ ଢାବା ମାଲିକ ଗିରଫ



ନୂଆଗାଁ,୧୬।୧୧ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁଠାରେ ଥିବା ଦୁଇଟି ଢାବାରେ ଗୁରୁବାର ରାତିରେ ପୋଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଢାବା ମାଲିକଙ୍କୁ ଗିରଫ କରିଛି। ଉଭୟଙ୍କ ନାମରେ ପୋଲିସ ୭୮ ଓ ୭୯/୧୮ରେ ମାମଲା ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ନୟାଗଡ ଏସଡିପିଓ ରାମଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ନୂଆଗାଁର ଦୁଇ ଢାବା ହୋଟେଲ ମାମା ଓ ହୋଟେଲ ଜନପଥ ଉପରେ ପୋଲିସ ଚଢାଉ କରି ଯଥାକ୍ରମେ ୨୯ ଲିଟର ଓ ୧୨ ଲିଟର ବିଦେଶୀ ମଦ ଜବତ କରିଛି। ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଲୋକମାନେ ମଦ୍ୟପାନ କରି ଚୋରି, ଡକାୟତି, ରାହାଜାନି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏପରି କି ନିଶା ସେବନ କରି କିଛି ଲୋକ ଦ୍ରୁତଗତିରେ ଗାଡି ଚାଳନା କରୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଅନୁଭବ କରିବା ପରେ ଚୋରା ମଦ ବେପାର ରୋକିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି ଏସଡିପିଓ ସାହୁ।

### ଆଜିଠୁ କୁରାଳ ଜଗୁରାଉତରାୟ ଫୁଟବଲ ଟୁର୍ନାମେଣ୍ଟ

ଓଡ଼ଗାଁ, ୧୬।୧୧(ସ୍ୱ.ପ୍ର.): ୧୭ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ନିକଟସ୍ଥ କୁରାଳ ଫୁଟବଲ ପଡିଆରେ ସପ୍ତାହ ବ୍ୟାପୀ ଜଗୁରାଉତରାୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଶନିବାର ଉଦ୍‌ଘାଟନୀ ମ୍ୟାଚ ଭଞ୍ଜନଗର ଓ ବାଇଗୁଣିଆ ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ରବିବାର ଇଟାମାଟି ଓ ଖୋର୍ଦ୍ଧା, ସୋମବାର ଫିରିଙ୍ଗିଆ ଓ କେରଙ୍ଗ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଶନିବାରର ବିଜେତା ଓ ଆରକେ ଏକାଡେମୀ ସୁନାଖଳା ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ବୁଧବାର ୨ୟ ସେମିଫାଇନାଲ ମ୍ୟାଚ ରବିବାରର ବିଜେତା ଓ ସୋମବାରର ବିଜେତା ଦଳଙ୍କ ସହିତ ଅନୁଷ୍ଠିତ ହେବ। ଗୁରୁବାର ଅର୍ଥାତ ୨୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଉଥିବା ଆସୋସିଏଶନ ତରଫରୁ ସଭାପତି ଜେ. ପ୍ରଧାନ ଓ ସମ୍ପାଦକ ଏସ. ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି।

### ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘ ସାଧାରଣ ସମ୍ପାଦକଙ୍କ ପରଲୋକ

ଓଡ଼ଗାଁ, ୧୬।୧୧(ସ୍ୱ.ପ୍ର.): ନୟାଗଡ, ଖୋର୍ଦ୍ଧା, ପୁରୀ ଓ ବାଲୁଗାଁ ସେସୁ ଡିଭିଜନର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଜୟକୃଷ୍ଣ ପ୍ରଧାନଙ୍କ ଶୁକ୍ରବାର ଭୋର ସମୟରେ ଓଡ଼ଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସେସୁରେ ଚାକିରି କରୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସହିତ ପ୍ରତ୍ୟକ୍ଷଭାବେ ଜଡିତ ରହି ବିଭାଗୀୟ ସାଂଗଠନିକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅବସର ପରେ ମଧ ସେସୁର ଏକାକାଳୀନ ୪ ଡିଭିଜନର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘରେ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରୁଥିଲେ। ସେ ହୃଦଘାତରେ ପ୍ରାଣ ହରାଇଥିବା ପରିବାର ସୂତ୍ରରୁ ଜଣାଯାଇଛି। ଗୋପାଳ ଚନ୍ଦ୍ର ସାହୁ, ପ୍ରଭାତ କୁମାର ପଟ୍ଟନାୟକଙ୍କ ସମେତ ବହୁ ସେସୁ କର୍ମଚାରୀ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ପ୍ରଦାନ କରିଛନ୍ତି।

### ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ଫଳ ବଣ୍ଟନ

ବାଲୁଗାଁ,୧୬।୧୧(ଡି.ଏନ.ଏ.): ଜାତୀୟ ପ୍ରେସ୍ ଦିବସ ଅବସରରେ ଶୁକ୍ରବାର ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ବାଣପୁର ଓ ବାଲୁଗାଁ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ କ୍ଷୀର, ବିସ୍କୁଟ୍, ପାଉଁରୁଟି, ସେଓ ଆଦି ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ସମ୍ପାଦକ ଗୋପୀନାଥ ମହାରଣା, ଉପଦେଷ୍ଟା ନୃସିଂହପ୍ରସାଦ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ଆର୍ତ୍ତତ୍ରାଣ ଜାଲିଙ୍କ ସମେତ କ୍ଲବ୍‌ର ସମସ୍ତ ସଭ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରୋଗୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

# ଓଡ଼ିଆରେ ନାମଫଳକ ଲେଖାକୁ ଅଣଦେଖା

ନୟାଗଡ଼ ଅଫିସ,୧୬।୧୧

ନୟାଗଡ଼ ସହରରେ ଥିବା ସମସ୍ତ ଦୋକାନ ଓ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆରେ ନାମଫଳକ ଲେଖାଇବା ବାଧ୍ୟ। କିନ୍ତୁ ଉକ୍ତ ଗାଇଡ଼ଲାଇନ୍‌କୁ ପ୍ରତିଷ୍ଠାନର ମାଲିକମାନେ ଅଣଦେଖା କରିଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ଦୋକାନ ଓ ପ୍ରତିଷ୍ଠାନରେ ଇଂଲିଶରେ ନାମଫଳକ ଲେଖାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଏନଏସି ତରଫରୁ ହୋଇଥିବା ଗାଇଡ଼ଲାଇନ୍‌କୁ ଫୁ କରି ଦେଇଛନ୍ତି ପ୍ରତିଷ୍ଠାନ।

ନୟାଗଡ଼ ଏନ୍‌ଏସି ତରଫରୁ ଚଳିତ ମାସ ୫ ତାରିଖରେ ଏ ନେଇ ଚିଠି କରାଯାଇଥିଲା। ଯେତେ ବୁଝାଇଲେ ମଧ୍ୟ ପ୍ରତିଷ୍ଠାନଗୁଡ଼ିକ ନିୟମ ନ ମାନିବାରୁ ଏନ୍‌ଏସି ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। ଚିଠିରେ ୧୧ ତାରିଖ ଭିତରେ ସମସ୍ତ ଲେଖାକୁ ଓଡ଼ିଆରେ ଲେଖିବାକୁ କୁହାଯାଇଥିଲା। ଏହା ଭିତରେ ଯଦି ଓଡ଼ିଆ ଭାଷାରେ ପ୍ରତିଷ୍ଠାନର ନାମ ଫଳକ ଲେଖାଯାଇ ନ ଥାଏ ତାହେଲେ ପ୍ରତିଷ୍ଠାନର ମାଲିକଙ୍କଠାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯିବା ସହିତ ପ୍ରତିଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବ।



ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ନୟାଗଡ଼।

ନୋଟିସ୍

[illegible]

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଂଚଳ ପରିଷଦ, ନୟାଗଡ଼

[illegible]

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଂଚଳ ପରିଷଦ, ନୟାଗଡ଼

ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ଚିଠି।




ସହରର ଖଣ୍ଡପଡ଼ା ରୋଡ଼ଠାରେ ଥିବା ପ୍ରତିଷ୍ଠାନର ନାମଫଳକ ଇଂଲିଶରେ ଲେଖାଯାଇଛି।

- ସରିଲା ଡେଡ୍‌ଲାଇନ୍, ହେଉନି କାର୍ଯ୍ୟାନୁଷ୍ଠାନ
- ୨୦୦୦ ଟଙ୍କା ଜରିମାନା ଆଦାୟ କରାଯିବ
- ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରି ଦିଆଯିବ ପ୍ରତିଷ୍ଠାନ

ସେହିଭଳି ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଉଲ୍ଲେଖ ରହିଛି। ହେଲେ କିଛି ବି ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀମାନେ ଦୋକାନ ଓ ପ୍ରତିଷ୍ଠାନର ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଏପରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, ଏପ୍ରିଲ୍ ୯ ତାରିଖରେ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଏନ୍‌ଏସି କାର୍ଯ୍ୟାଳୟଠାରେ ହୋଇଥିବା ବୈଠକରେ ସହରରେ ଥିବା ସମସ୍ତ ପ୍ରତିଷ୍ଠାନ ଓ ଦୋକାନଗୁଡ଼ିକର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଯୋଗଦେଇଥିବା ବ୍ୟାଙ୍କର ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ଦୋକାନ ବଜାର ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କୁହାଯାଇଥିଲା। ବୈଠକରେ ନାମଫଳକ ଅନ୍ୟ ଯେ କୌଣସି ଭାଷାରେ ଲେଖିଲେ ଚଳିବ କିନ୍ତୁ ଓଡ଼ିଆରେ ଲେଖିବା ପାଇଁ ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ଓଡ଼ିଆ ଭାଷାକୁ ପ୍ରଥମେ ରଖି ତଳେ ଅନ୍ୟ ଭାଷାରେ ଲେଖାଯାଇ ନାମଫଳକ ତିଆରି କରି ଲଗାଇବା ପାଇଁ କୁହାଯାଇଥିଲା। ଏହା ପରେ ପ୍ରତିଷ୍ଠାନ ଗୁଡ଼ିକ ଏହି ନିୟମ ପାଳନ ନ କରିବାରୁ ୨୫ ଜୁନ୍ ୨୦୧୮ରେ ସହରରେ ଏ ନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ଜଣାଇ ଦିଆଯାଇଥିଲା। ୭ ମାସ ବିତି ଯାଇଥିଲେ ମଧ୍ୟ ସବୁଠି ଇଂରାଜୀ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଖାଲି ଯେ ଘରୋଇ ପ୍ରତିଷ୍ଠାନ ତାହା ନୁହେଁ, ବିଭିନ୍ନ ସରକାରୀ କାର୍ଯ୍ୟାଳୟର ନାମଫଳକ ମଧ୍ୟ ଇଂଲିଶରେ ଲେଖା ହୋଇଥିବା ଦେଖିବାକୁ ମିଳୁଛି। ନୟାଗଡ଼ ସହର ଜିଲା ସଦର ମହକୁମା ହୋଇଥିବାରୁ ୧୦୦ରୁ ଉର୍ଦ୍ଧ୍ୱ ଦୋକାନ ଥିବାବେଳେ, ୬ରୁ ୭ଟି ବଡ଼ ବଡ଼ ସପିଂମଲ୍ ଅଛି, ସେହିଭଳି ସମସ୍ତ ଜାତୀୟକରଣ ବ୍ୟାଙ୍କ୍‌ର ଶାଖା ମଧ୍ୟ ରହିଛି। ଏନ୍‌ଏସିର ଏହି ନିୟମକୁ ପ୍ରତିଷ୍ଠାନଗୁଡ଼ିକ ପରିବା ବେପାରୀଙ୍କ ଭଳି ଅଣଦେଖା କରି ଦେଉଥିବା ନେଇ ଚର୍ଚ୍ଚା ଚାଲିଛି। ନିର୍ବାହୀ ଅଧିକାରୀ ସନ୍ତୋଷ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି ଆଗାମୀ ଦିନରେ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ରଣପୁର,୧୬।୧୧(ସ୍ୱ.ପ୍ର.)

ରଣପୁର ଏନ୍‌ଏସି ୧୩ନଂ. ୱାର୍ଡ ରଘୁନାଥପୁର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ୱାର୍ଡର ରବୀନ୍ଦ୍ର କୁମାର ନାୟକ (୫୨)।

ଘଟଣାରୁ ପ୍ରକାଶ ଯେ, ରବୀନ୍ଦ୍ର ଶୁକ୍ରବାର ସକାଳ ୯ଟାରେ ଶୌଚ ପାଇଁ ଗ୍ରାମରେ ଥିବା ଶିଉଳି ପୋଖରୀକୁ ଯାଇଥିଲେ। ମାତ୍ର ଶୌଚହେବା ସମୟରେ ପୋଖରୀରେ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଏଣେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ପୋଖରୀ ହୁଡାରେ ରବୀନ୍ଦ୍ରଙ୍କ ଗାମୁଛା ଓ ଚପଲ ଥିବା କେତେଜଣ ଦେଖି ସନ୍ଦେହ କରିଥିଲେ। ଖୋଜାଖୋଜି କରି ପୋଖରୀ ଭିତରୁ ତାଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ରଣପୁର ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଗୋଷ୍ଠାଷ୍ଟମୀ ପାଳିତ: ଗୋମାତାଙ୍କୁ ପୂଜା କରି ଘାସ ଖାଇବାକୁ ଦେଲେ

ଖଣ୍ଡପଡା,୧୬।୧୧(ସ୍ୱ.ପ୍ର.)

ଶୁକ୍ରବାର କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉ ମଠରେ ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଶ୍ରୀ ଜୀଉଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରି ଘାସ ଓ ଖାଦ୍ୟ ପ୍ରଦାନ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀ ଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନୁରୂପ ଭାବେ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳା ସ୍ଥଳୀକୁ ବିଜେ କରାଯାଇ ଗାନ୍ଧୀପାର୍କଠାରେ ଅଞ୍ଚଳର ଗୋରୁମାନଙ୍କୁ ଏକାଠି କରାଇ ମହିଳାମାନେ ବନ୍ଦାପନା କରି ଘାସ ଖାଇବାକୁ ଦେଇଥିଲେ। ତେବେ ସମ୍ପ୍ରତି ଚାରଣ ଭୂମିର ଅଭାବ ସାଙ୍ଗକୁ ଗାଈ ଚରାଇବା ପାଇଁ ଗୋପାଳକ ଅଭାବ ଯୋଗୁ ଘରେ ଗୃହପାଳିତ ପ୍ରାଣୀ ରଖିବା ଲୋକଙ୍କ ପକ୍ଷେ ସମ୍ଭବ ହେଉ ନାହିଁ। ଫଳରେ ଗାଁ ଗଣ୍ଡାରେ ପୂର୍ବ ପରି ଗୋରୁ ଦେଖିବା ବିରଳ ହୋଇଗଲାଣି। ଗୋଷ୍ଠାଷ୍ଟମୀରେ ମହିଳାମାନେ ଘାସ ବିଛାଇ ରଖିଥିଲେ ମଧ୍ୟ ସେପରି ଆଖିଦୃଶିଆ ଗୋରୁ ଦେଖିବାକୁ ମିଳି ନ ଥିଲା।



ବାପୁଜୀନଗରଠାରେ ମହିଳାଙ୍କ ପୂଜାର୍ଚ୍ଚନା।

### ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ନୟାଗଡ଼ ଅଫିସ,୧୬।୧୧

୨୦୧୭-୧୮ ଶିକ୍ଷାବର୍ଷରେ ଅନୁଷ୍ଠିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାର ଫଳ ପ୍ରକାଶ ପାଇଛି। ନୟାଗଡ ସହରର ଡିଆରଡ଼ିଏ ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ୟ ଶ୍ରେଣୀ ଛାତ୍ର ଜଗଦୀଶ ଘଡେଇ ୯୭ ନମ୍ବର ରଖି ନୟାଗଡ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୩ୟ ଶ୍ରେଣୀର ବିନୋତା ଦେବୀ, ଆଶିଷ କୁମାର ସାହୁ, ମାନସ ପ୍ରୀତମ ମହାନ୍ତି ନୟାଗଡ ବ୍ଲକରେ ଯଥାକ୍ରମେ ୩ୟ,୪ର୍ଥ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ୫ମ ଶ୍ରେଣୀର ରୂପାଲି ଦାଶ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ପରିଚାଳନା ସମିତି ସଦସ୍ୟ, ସମସ୍ତ ଗୁରୁଜୀଗୁରୁମା କୃତି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଡିସେମ୍ବର ୨୩ ତାରିଖରେ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକୋତ୍ସବରେ କୃତିବିଦ୍ୟମାନଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରଧାନାଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।



■ ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ୨୦୧୮

## ଇଟାମାଟି ଦଳ ଚାମ୍ପିୟନ



ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ନୟାଗଡ଼ ଅଫିସ,୧୬।୧୧

ନୟାଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଖେଳପଡ଼ିଆଠାରେ ହେଉଥିବା ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଅନ୍ତିମ ଦିବସ। ଫାଇନାଲ ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ ସହିତ ଯଦୁମଣି ଆଥ୍‌ଲେଟିକ୍ ଆସୋସିଏଶନ ଇଟାମାଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଟାମାଟି ଦଳ ୧-୦ ଗୋଲ୍‌ରେ ସ୍ପୋର୍ଟସ ହଷ୍ଟେଲକୁ ହରାଇ ଚଳିତବର୍ଷ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରନର୍ସ ଅଫ ସ୍ପୋର୍ଟସ ହଷ୍ଟେଲକୁ ୨ ହଜାର ଟଙ୍କା ଓ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ପୋର୍ଟସ ହଷ୍ଟେଲର ୧୨ ନମ୍ବର ଜର୍ସି ଖେଳାଳି ରବୀନ୍ଦ୍ର ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳ ଓ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ,ଏନ୍‌ଏସିର ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ଅରୁଣ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରବିନାରାୟଣ ପ୍ରଧାନଙ୍କ ପରିଚାଳନାରେ ହୋଇଥିବା ଏହି ଟୁର୍ନାମେଣ୍ଟରେ ଅମିୟ ମୋହନ ସାହୁ, ପ୍ରିୟରଞ୍ଜନ ଦାଶ, ଗନୁ ଦାସ, ସରୋଜ ରାଉତରାୟ ପ୍ରମୁଖ ଖେଳକୁ ଆଗେଇ ନେଇଥିଲେ। ରାଜକିଶୋର ମହାନ୍ତି, ଉମାକାନ୍ତ ମିଶ୍ର, ସନ୍ୟାସୀ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଖବରଦାତା ରାମକୃଷ୍ଣ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଯୁଗଳକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଓଡ଼ଗାଁରେ ୨୨ରୁ ଜିଲାସ୍ତରୀୟ ଚେସ ପ୍ରତିଯୋଗିତା

ଓଡ଼ଗାଁ,୧୬।୧୧(ସ୍ୱ.ପ୍ର.)

ସ୍ଥାନୀୟ ରଘୁନାଥ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୨୨ ଓ ୨୩ ତାରିଖ ଦୁଇଦିନ ଧରି ନୟାଗଡ ଜିଲାର ଚେସ ଖେଳାଳୀଙ୍କ ମଧ୍ୟରେ ଏକ ଜିଲାସ୍ତରୀୟ ଚେସ ପ୍ରତିଯୋଗୀତା ଅନୁଷ୍ଠିତ ହେଉଥିବା ଚେସ କମିଟି ତରଫରୁ ସୂଚନା ଦିଆଯାଇଛି। ଏଥିନିମନ୍ତେ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ରହିଥିବା ବେଳେ ଆଗ୍ରହୀ ପ୍ରତିଯୋଗୀ ୨୧ ତାରିଖ ସୁଦ୍ଧା ଚେସ କମିଟି ଆବାହାକ ଜିତେନ୍ଦ୍ର କୁମାର ଦାଶ କିମ୍ବା ଆସୋସିଏଶନ ସାଧାରଣ ସମ୍ପାଦକ ଦିବାକର ନାୟକଙ୍କୁ ଯୋଗାଯୋଗ କରିବାକୁ ସାଧାରଣ ସମ୍ପାଦକ ଅନୁରୋଧ କରିଛନ୍ତି।

## ଶାଗୁଆନ ଗଣ୍ଡି ଜବତ: ଜଣେ ଗିରଫ

ରଣପୁର,୧୬।୧୧ (ସ୍ୱ.ପ୍ର.)

ଖୋର୍ଦ୍ଧା ଜିଲା ବନଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ନୟାଗଡ଼ ଜିଲା ରଣପୁର ବନ ବିଭାଗର ମାଳ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳ, ଶାଗୁଆନ ଗଛ କାଟି ଦୁର୍ବୃତ୍ତମାନେ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏପରିସ୍ଥଳରେ ବିଶେଷ ସୂତ୍ରରୁ ଖବର ପାଇ ରଣପୁର ବନ ଅଧିକାରୀ ଓ ଷ୍ଟାଫ୍ ଗୁରୁବାର ରାତ୍ର ୧୨ଟାରେ ରାଇପଡା-ପଟିଆ ରାସ୍ତାରେ ଜଗି ରହିଥିଲେ। କାଠ ଚୋରମାନେ ଏକ ମାରୁତି ଭ୍ୟାନ୍ (ନଂ.ଡବ୍ଲ୍ୟୁବି୦୨ଜେ-୭୭୪୫)ରେ ଶାଗୁଆନ ଗଣ୍ଡି ଭର୍ତ୍ତି କରି ଆସୁଥିଲା ବେଳେ ବନ ଅଧିକାରୀ ରାଇପଡାଠାରେ ଗାଡିକୁ ଅଟକାଇଥିଲେ। କର୍ମଚାରୀମାନେ ସେଥିରେ ଥିବା ୫ଟି ଶାଗୁଆନ ଗଣ୍ଡି ଜବତ କରିବା ସହିତ ଗୋପାଳପୁର ଗ୍ରାମର ପ୍ରଭାତ କୁମାର ମହାନ୍ତିଙ୍କୁ ଗିରଫ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ୬ଆର୍/୨୦୧୮-୧୯ରେ ମାମଲା ରୁଜୁ ହୋଇଛି। ଗାଡି ଜବତ ପରେ ଅଭିଯୁକ୍ତ ପ୍ରଭାତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଜବତ ଗାଡ଼ି ଓ କାଠ।

■ ଜାତୀୟ ପ୍ରେସ୍ ଦିବସ ପାଳିତ

## ଯୁବପିଢ଼ି ଖବରକାଗଜ ପ୍ରତି ଆକୃଷ୍ଟ ହେବା ଦରକାର

ନୟାଗଡ଼ ଅଫିସ,୧୬।୧୧

- କ୍ରିଏଟିଭ୍ ନୟାଗଡ଼ ପକ୍ଷରୁ ଖବରକାଗଜ ପ୍ରଦର୍ଶନୀ
- ଆଜିର ଖବର କାଲିର ସାଧାରଣ ଜ୍ଞାନ




ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ।

କ୍ରିଏଟିଭ ନୟାଗଡ଼ ତରଫରୁ ଶୁକ୍ରବାର ୟୁନିଟେକ୍ ଆବାସିକ କଲେଜରେ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରିଏଟିଭ୍ ନୟାଗଡ଼ର ଆବାହକ ଉତ୍ପଳ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣମାଧ୍ୟମ, ଗଣତନ୍ତ୍ର ଏବଂ ଯୁବପିଢ଼ି ପ୍ରସଙ୍ଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଆଜିକାର ଯୁବପିଢ଼ି ଗଣମାଧ୍ୟମ ପ୍ରତି ଆକୃଷ୍ଟ ହେବା ଦରକାର। ଯୁବପିଢ଼ି ମୋବାଇଲ୍‌ର ସାମାଜିକ ଗଣମାଧ୍ୟମରେ ବୁଡି ନ ଯାଇ ପ୍ରତିଦିନ ଖବରକାଗଜ ପଢ଼ିବା ଦରକାର। ତାହା ହେଲେ ଜ୍ଞାନ ବଢ଼ିବ। ଆଜିର ଖବର କାଲିର ସାଧାରଣ ଜ୍ଞାନ ବୋଲି ବିଧାୟକ ସାହୁ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରୀତିକାନ୍ତ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ଓ ଏହାର ପ୍ରତିନିଧିଙ୍କ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସମାଜିକକର୍ମୀ ଲିଙ୍କନ ସୁବୁଦ୍ଧି, ୟୁନିଟେକ୍ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ପୃଷ୍ଟି, ନିର୍ମଳ ଚନ୍ଦ୍ର ଶୂରଦେଓ ଅତିଥିଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦୁର୍ଦ୍ଧୁରାସ୍ଥିତ ଶ୍ରୀ ଜଗନ୍ନାଥ ପାଠାଗାର ଓ ସଂଗ୍ରହାଳୟର ପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁଙ୍କ ସହାୟତାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ୧୦୦ ପ୍ରକାରର ଖବରକାଗଜ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ନୟାଗଡ଼ ଜିଲାର ୮ଟି ମହାବିଦ୍ୟାଳୟରେ ଗଣତାନ୍ତ୍ରିକ ରାଷ୍ଟ୍ରରେ, ଗଣମାଧ୍ୟମ ଓ ଗଣତନ୍ତ୍ରର ଭୂମିକା ଉପରେ ଆଲୋଚନା କରାଯିବ। ସମାଜ ପାଇଁ ଭଲ କାମ କରିଥିବା ଆଠଜଣ ଖବରଦାତାଙ୍କୁ ଡିସେମ୍ବର ମାସରେ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିଭଳି ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ୍‌ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସୂଚନା ପ୍ରଯୁକ୍ତି ଯୁଗରେ ନୀତିଗତ ସାମ୍ବାଦିକତା ଏକ ଆହ୍ୱାନ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଡିଏସ୍‌ପି ରାମଚନ୍ଦ୍ରସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।



ଖବରକାଗଜ ପ୍ରଦର୍ଶନୀଙ୍କୁ ଛାତ୍ରୀମାନେ ଦେଖୁଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଏମ୍ଏଭି ସ୍କୁଲ ବାର୍ଷିକ କ୍ରୀଡ଼ା। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍। ସମୟ-ସକାଳ ୭ଟା ।
- ଆଇଟି ଚାମ୍ପିୟନଶିପ୍ ସିରିଜ ଉଦ୍‌ଘାଟନ। ସ୍ଥାନ-ୟୁନିୟନ୍ କ୍ଲବ। ସମୟ-ସକାଳ ୯ଟା ।
- ଗଞ୍ଜାମ ଜିଲା ଭଲିବଲ୍ ମହାସଂଘ ଗଠନ। ସ୍ଥାନ-କାର୍ଗିଲ୍ ସ୍କେଟିଂ କ୍ଲବ। ସମୟ-ସନ୍ଧ୍ୟା ୫ଟା ।

## ବିଶ୍ୱ ଦର୍ଶନଶାସ୍ତ୍ର ଦିବସ

**ବ୍ରହ୍ମପୁର ଅଫିସ,୧୬।୧୧:** ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ତରଫରୁ ବିଶ୍ୱ ଦର୍ଶନ ଦିବସ ପାଳନ ଅବସରରେ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି । ଜର୍ମାନ୍ ଦାର୍ଶନିକ ଫ୍ରାଇଡ୍ରିଚ୍ ନିଟଜଚେ'ଙ୍କ ଜୀବନ, ଦର୍ଶନ, ନୀତି ଓ ମୂଲ୍ୟବୋଧ ସଂପର୍କରେ ଆଲୋଚନା କରାଯାଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ପତିତ ପାବନ ଦାସ, ଅବସରପ୍ରାପ୍ତ ଦର୍ଶନଶାସ୍ତ୍ରର ଅଧ୍ୟାପକ ଡ. ଗଦାଧର ବେହେରା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ଏବଂ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ଜତିନ୍ ବିଷୋୟୀ ଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ ସତ୍ୟପ୍ରକାଶ ମିଶ୍ର ଅନ୍ୟତନ ଅତିଥି ଭାବେ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପିକା ଡ. ଅନିତା ଦଲେଇ ଧନ୍ୟବାଦ ଦେଇଥିଲେ ।

## ଚିତ୍ତ ଜେନାଙ୍କ ସ୍ମୃତିଚାରଣ

**ବ୍ରହ୍ମପୁର ଅଫିସ,୧୬।୧୧:** ଅଭିନୟ ଜଗତ ପକ୍ଷରୁ ସ୍ଥାନୀୟ ଅନ୍ୱେଷା କଳାକେନ୍ଦ୍ର ପରିସରରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଚିତ୍ତ ଜେନାଙ୍କ ବିୟୋଗରେ ଶୁକ୍ରବାର ସ୍ମୃତିଚାରଣ ସଭା ହୋଇଯାଇଛି । ଡ. ମିହିର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉଷାରାଣୀ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ରାଜୁ ପାଢ଼ୀ, ତ୍ରିପତି ନାୟକ, ପି. ସୁବାସ ପାତ୍ର, କୈଳାଶ ପାଣିଗ୍ରାହୀ, ସୁବାସ ସାହୁ, ସୁଦୀପ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଆଗାମୀ ଦିନରେ ଚିତ୍ତ ଜେନାଙ୍କ ସ୍ମୃତିରେ ଏକ ସଙ୍ଗୀତ ସନ୍ଧ୍ୟା ଆୟୋଜନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।

## ରାମଗିରି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଅବହେଳିତ

**ପାରଳାଖେମୁଣ୍ଡି/ରାମଗିରି,୧୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):** ଗଜପତି ଜିଲା ଆର୍.ଉଦୟଗିରି ବ୍ଲକର ରାମଗିରିସ୍ଥିତ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମରାମତି ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ତିତ୍‌ଲି ବାତ୍ୟାରେ ଏହା କ୍ଷତିଗ୍ରସ୍ତ ହୋଇଥିଲା । କାର୍ଯ୍ୟାଳୟ ଛାତରୁ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ଏପର୍ଯ୍ୟନ୍ତ ତାହାକୁ ମରାମତି କରାଯାଇନାହିଁ। ଉକ୍ତ ଭଙ୍ଗାଘରେ ବର୍ତ୍ତମାନ କାର୍ଯ୍ୟାଳୟ ଚାଲିଛି । ୧୯୫୬ ମସିହାରେ ରାମଗିରିଠାରେ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଏହା ଉପରେ ୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତେବେ ଏଠାରେ ଅନେକ ସମସ୍ୟା ଲାଗିରହିଛି। ଷ୍ଟାଫ୍ କ୍ୱାର୍ଟର୍ସ ନ ଥିବାରୁ ପ୍ରାଣୀଧନ ନିରୀକ୍ଷକ ବାହାରେ ଭଡା ରହୁଛନ୍ତି । ରାତି ସମୟରେ କୌଣସି ବ୍ୟକ୍ତି ଗୃହପାଳିତ ପଶୁକୁ ଚିକିତ୍ସା ପାଇଁ ଆଣିଲେ ହଇରାଣ ହେଉଛନ୍ତି।

■ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପ୍ରସଙ୍ଗ: ପୂର୍ବତନ ବାଚସ୍ପତି ଚିନ୍ତାମଣିଙ୍କ ପ୍ରତିକ୍ରିୟା

# ଯୋଜନା, ସମନ୍ୱୟ ମନ୍ତ୍ରୀଙ୍କ ତଥ୍ୟ ଭିନ୍ନ

**କେବଳ ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି**

ବ୍ରହ୍ମପୁର ଅଫିସ,୧୬।୧୧

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ପୁଣି ଉଠାଇଛି ବିଜେଡି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅବହେଳାକୁ ଦାୟୀ କରାଯାଇଛି। ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ଗୃହରେ ଏହାକୁ ପ୍ରସଙ୍ଗ କରାଯିବ ବୋଲି ବିଜେଡି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ବିଜେଡିର ଏହି ଦାବି ଏକ ପ୍ରହସନ ହୋଇଥିବା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ଶାସକ ଦଳର ଦାବି ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀଙ୍କ ତଥ୍ୟ ମଧ୍ୟରେ ତାଳମେଳ ନ ଥିବାରୁ କେବଳ ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ଥିବା ସେ ଅଭିଯୋଗ କରିଛନ୍ତି ।

ପୂର୍ବତନ ବାଚସ୍ପତି କହିଛନ୍ତି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ବିଜେଡି ବହୁବାର ଆନ୍ଦୋଳନ କରିଛି । ଓଡ଼ିଶା ପାଇଁ ଏହା ହକ୍ ଥିବା କୁହାଯାଇଛି । ଅପରପକ୍ଷରେ ଏପ୍ରିଲ ମାସରେ ବିଧାନସଭାରେ ହୋଇଥିବା ପ୍ରଶ୍ନର ଉତ୍ତରରେ ଯୋଜନା ମନ୍ତ୍ରୀ ଉଷା ଦେବୀ କହିଥିଲେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଯୋଗ୍ୟ ନୁହେଁ । ଏଥିପାଇଁ ଯେଉଁ ମାନଦଣ୍ଡ ରହିଛି ତାହା ଭିତ୍ତିରେ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇପାରୁନାହିଁ । ରାଜ୍ୟର ସୀମା ଅନ୍ୟ ରାଷ୍ଟ୍ର ସହ ସଂଲଗ୍ନ ହୋଇନାହିଁ । ରାଜ୍ୟର ଅର୍ଥନୀତି ମଧ ଦୁର୍ବଳ ନୁହେଁ । ଏହି ଦୁଇଟି ଦାବି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନିମନ୍ତେ ଜରୁରୀ ହୋଇଛି । ତେଣୁ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ଉତ୍ତର ମଧ୍ୟରେ ତାଳମେଳ ନ ଥିବା ସ୍ପଷ୍ଟ ହୋଇଛି ।

କେନ୍ଦ୍ର ସରକାରଙ୍କ ବିନା ସହଯୋଗରେ ରାଜ୍ୟ ସରକାର ବିଭିନ୍ନ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଥିବା ଶାସକ ଦଳ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି । ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି । ତେଣୁ ରାଜ୍ୟର ଅର୍ଥନୀତି ସ୍ୱଚ୍ଛଳ ଥିବା ସ୍ପଷ୍ଟ ହୋଇଛି । ଅପରପକ୍ଷରେ ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ବିଜେଡି ସରକାର କେନ୍ଦ୍ର ଏନଡିଏ ସରକାର ସହ ଗଠବନ୍ଧନରେ ଥିଲା । ସେହି ସମୟରେ ଏହି ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀ କାହିଁକି ସ୍ୱର ଉତ୍ତୋଳନ ଏବଂ କେନ୍ଦ୍ର ଉପରେ ଚାପ ପକାଇନଥିଲେ ବୋଲି ଦ୍ୟାନ ସାମନ୍ତରା ପ୍ରଶ୍ନ କରିଛନ୍ତି । ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ସ୍ୱର ଉତ୍ତୋଳନ କରିବା ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ହୋଇଥିବା ଚିନ୍ତାମଣି ସମାଲୋଚନା କରିଛନ୍ତି ।

## ଖାଲି ପଡ଼ିଲା ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ



ବଡ ମେଡିକାଲର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଶୁକ୍ରବାର ଖାଲି ପଡିଛି।

ବ୍ରହ୍ମପୁର ଅଫିସ,୧୬।୧୧

ବ୍ରହ୍ମପୁର ବଡ଼ ମେଡିକାଲର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଶୁକ୍ରବାର ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ଚଳିତ ମାସରେ ଶୁକ୍ରବାର ସୁଦ୍ଧା ୨ ରୋଗୀ ରହିଥିବା ବେଳେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ନୂଆ ରୋଗୀ ଆସିଲେ ପୂର୍ବଭଳି ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା ଚାଲିବ ବୋଲି ସୂଚନା ମିଳିଛି।

ଜୁଲାଇ ପ୍ରଥମ ସପ୍ତାହରୁ ବଡ଼ ମେଡିକାଲ ଏବଂ ସିଟି ହସ୍ପିଟାଲରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲାଯାଇଥିଲା । ଉଭୟ ସ୍ଥାନରେ ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ ୨ଟି ଲେଖାଏ ୱାର୍ଡ ଖୋଲାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ତେବେ ସିଟି ହସ୍ପିଟାଲକୁ କୌଣସି ଡେଙ୍ଗୁ ରୋଗୀ ଯାଇ ନ ଥିବା ବେଳେ ବଡ ମେଡିକାଲରେ ମୋଟ ୩୧୫ ଜଣ ଚିକିତ୍ସା ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରେ କେବଳ ଗଞ୍ଜାମ ଜିଲାର ୧୪୩ ଜଣ ଥିଲେ। ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଆନ୍ଧ୍ରପ୍ରଦେଶ ସୀମାନ୍ତ ଶ୍ରୀକାକୁଲମ୍ ଜିଲା ଭୁଜ୍ଜୁରୁ ଗ୍ରାମର ୩, ଗଜପତି ଜିଲାର ଜଣେ ଏବଂ ରାୟଗଡା ଜିଲାର ଜଣଙ୍କର ମୃତ୍ୟୁ ଘଟିଥିଲା । ଡେଙ୍ଗୁ ୱାର୍ଡ ଖାଲି ପଡିଥିଲେ ମଧ କୌଣସି ରେଗୀ ପଜିଟିଭ୍ ଚିହ୍ନଟ ହେଲେ ସେମାନଙ୍କୁ ଉକ୍ତ ୱାର୍ଡରେ ଭର୍ତ୍ତି କରାଯାଇ ପୂର୍ବପରି ଚିକିତ୍ସା ଜାରି ରହିବ ବୋଲି କ୍ୱାଲିଟି ମ୍ୟାନେଜର୍ ସରୋଜ ସାମଲ କହିଛନ୍ତି ।

## ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଗଞ୍ଜାମ ଦଳ ମନୋନୀତ



କ୍ରୀଡ଼ା ସଂସଦ କର୍ମକର୍ତ୍ତାଙ୍କ ସହ ଗଞ୍ଜାମ ଜିଲାର ଖେଳାଳମାନେ ।

ବ୍ରହ୍ମପୁର ଅଫିସ,୧୬।୧୧

ସମ୍ବଲପୁରର ହୀରାକୁଦଠାରେ ୧୮ରୁ ୨୭ତାରିଖ ପର୍ଯ୍ୟନ୍ତ ୫୯ତମ ରାଜ୍ୟ ବରିଷ୍ଠ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଗଞ୍ଜାମ ଦଳ ମନୋନୀତ ହୋଇଯାଇଛି । ଦଳରେ ଆଶିଷ ବିଷୋୟୀ, କେ.ନୀଳକଣ୍ଠ ରେଡ୍ଡୀ, ସୁନିଲ ନାୟକ, ସୁନିଲ ଦାସ, ରାଜେଶ କୁମାର ବେହେରା, ସୁଶାନ୍ତ ସୋରେନ୍, ସୁବ୍ରତ କୁମାର ସ୍ୱାଇଁ, ଅଜିତ ମୁଖି, ସାଗର ଚୌଧୁରୀ, ପି.ରୂପକ ରାଓ, ସକିଲ ଟୁଡୁ, ତ୍ରିଦେବ ମୁଖି, କେ.ବାସୁ, ଚନ୍ଦ୍ର ମଣୀ, ଦୀପକ କୁମାର ମହାରଣା, ଶିବ ସୁନ୍ଦର ଦାସ, ପିଣ୍ଟୁ ବେହେରା, ଏନ୍.ବିଶାଳ କୁମାର ରାଓ ପ୍ରମୁଖ ରହିଛନ୍ତି । ଦଳର ମ୍ୟାନେଜର୍ ଭାବେ ରମେଶ ବେହେରା ଏବଂ କୋଚ୍ ଦାୟିତ୍ୱରେ ଦିଲୀପ କୁମାର ସାମନ୍ତରାୟ ରହିବେ । ଶନିବାର ଦଳ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ । ରବିବାର ଗଞ୍ଜାମର ପ୍ରଥମ ମ୍ୟାଚ୍ ସୁନ୍ଦରଗଡ଼ ସହ ରହିଛି । ଦଳକୁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଫୁଟବଲ୍ ସମ୍ପାଦକ ସୀତାରାମ ବେବର୍ତ୍ତା, କର୍ମକର୍ତ୍ତା ବିଜୟ କୁମାର ପଟ୍ଟନାୟକ, ସୁରେନ୍ଦ୍ର ନାଥ, ତାରିଣୀ ଚରଣ ଶତପଥୀ, ଭିନ୍‌ସେଣ୍ଟ ଦାସ, ବସନ୍ତ ପାଣିଗ୍ରାହୀ, ଦୁର୍ଗା ପଟ୍ଟନାୟକ ଏବଂ ବିଜୟ ସିଂ ସାମନ୍ତ ପ୍ରମୁଖ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

## ଚାଚା ନେହେରୁ ବିଦ୍ୟାଳୟରେ ଶିଶୁ ଦିବସ

ବ୍ରହ୍ମପୁର ଅଫିସ,୧୬।୧୧

୧୧୨ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ ଚାଚା ନେହେରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ଶିଶୁ ଦିବସରେ ଅନୁଷ୍ଠିତ ହୋଇଥିଲା । ଗତ ୧୪ ତାରିଖରେ ସବୁବର୍ଷ ଭଳି ଶିଶୁ ଦିବସ ପାଳନ କରାଯାଇଥିଲା ଏବଂ ସନ୍ଧ୍ୟା ପରିବର୍ତ୍ତେ ସକାଳବେଳା ହୋଇଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ସାମନ୍ତରାୟ ସୂଚନା ଦେଇଛନ୍ତି। ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ ହୋଇନଥିବା ଖବରକୁ ସେ ଖଣ୍ଡନ କରିଛନ୍ତି । ତେବେ ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଯୋଗୁ ଚଳିତ ବର୍ଷର ଉତ୍ସବ ଘୁଞ୍ଚାଇ ଦିଆଯାଇଛି। ଶିଶୁ ଦିବସ ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବିଭାଗର ୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ସିଆରସିଏସ ମମତା ପାଣିଗ୍ରାହୀଙ୍କ ସମେତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଧିକାଠ ଅଭିଭାବକ ଯୋଗଦେଇଥିଲେ ବୋଲି ସୂଚନା ଦେଇଛନ୍ତି ।

## ମହିଳାଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୬।୧୧

ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଆକ୍ରମଣ କରିବା ମାମଲାରେ ଅଭିଯୁକ୍ତ ଭଗବାନ ବେହେରାଙ୍କୁ ଶୁକ୍ରବାର ଏସଡିଜେଏମ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବା ପରେ ଅଦାଲତ ଏହି ରାୟ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ସୋରଳ ଗ୍ରାମର ଭବାନୀ ବେହେରାଙ୍କୁ ଭଗବାନ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ବିଶ୍ୱବିଦ୍ୟାଳୟ ଆକ୍ୟୁଏସି ସେଲର ଆଲୋଚନାଚକ୍ର



ମଞ୍ଚାସୀନ ଅତିଥିମାନେ।

ବ୍ରହ୍ମପୁର ଅଫିସ, ୧୬।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆକ୍ୟୁଏଏସି (ଇଣ୍ଟରନାଲ କ୍ୱାଲିଟି ଆକ୍ୟୁରେନ୍ସି ସେଲ) ପକ୍ଷରୁ 'ଇନହାନ୍ସଙ୍ଗ ରିସର୍ଚ୍ଚ କ୍ୱାଲିଟି ଆଣ୍ଡ ପ୍ରଡକ୍ଟିଭିଟି କ୍ଷେତ୍ରରେ ସ୍କୋପସର ବ୍ୟବହାର' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସିନେଟ ହଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଏଲସେଭିୟରର ଦକ୍ଷିଣ ଏସିଆ ସଲ୍ୟୁସନ ସେଲସ ମ୍ୟାନେଜର ତହସିନ ଆଫ୍ରୋଜ ଖାଣ୍ଡେ ଯୋଗଦେଇଥିଲେ । କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଇକ୍ୟୁଏସି ସେଲର ନିର୍ଦ୍ଦେଶକ ପ୍ରତାପ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗବେଷଣାର ଗୁଣାତ୍ମକ ବିକାଶ ଓ ପ୍ରସାର ପାଇଁ ସ୍କୋପସର ଆବଶ୍ୟକତା ଓ ଉପକାରିତା ଉପରେ ମୁଖ୍ୟଅତିଥି ଖାଣ୍ଡେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟକୁ ଏନଆଇଆରଏଫ ର୍ୟାଙ୍କିଙ୍ଗ ତଥା ନାକ୍ ସ୍ୱୀକୃତି ପାଇଁ ସ୍କୋପସ ଡାଟାବେସର ଭୂମିକା ସମ୍ପର୍କରେ ଖାଣ୍ଡେ ବୁଝାଇଥିଲେ । ଏହି ଡାଟାବେସ ମାଧ୍ୟମରେ ଅଧ୍ୟାପିକା ଅଧ୍ୟାପକ ମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ସମ୍ପର୍କିତ ସୂଚନା ପାଇପାରିବା ନେଇ ସେ କହିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଗବେଷିକା ଗବେଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ବଡ଼ ମେଡିକାଲ: ୟୁଜର୍ସ ଫି ଫଳକ ହଟୁନି



ୟୁଜର୍ସ ଫି ଫଳକକୁ ରୋଗୀଙ୍କ ସମ୍ପର୍କୀୟମାନେ ପଢୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୬।୧୧:** ବ୍ରହ୍ମପୁର ବଡମେଡିକାଲ ଆରଡିସି (ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର)ରୁ ୟୁଜର୍ସ ଫି ଫଳକ କମାଯାଇନି। ଯଦ୍ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ଫଳକକୁ ଦେଖି ଦ୍ୱନ୍ଦ୍ୱରେ ପଡୁଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ନିଦାନ ଏବଂ ନିରାମୟ ଯୋଜନାର ଶୁଭାରମ୍ଭ କରିବା ପରେ ରୋଗୀଙ୍କୁ ସମସ୍ତ ପ୍ରକାର ଔଷଧ ଏବଂ ଡାଇଗ୍ନୋଷ୍ଟିକ୍ ପରୀକ୍ଷାନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି । ତେବେ ବଡ ମେଡିକାଲରେ ୟୁଜର୍ସ ଫି ଫଳକଟିକୁ କର୍ତ୍ତୃପକ୍ଷ ହଟାଇ ନ ଥିବାରୁ ସମସ୍ୟା ଉପୁଜିଛି । ସେହିପରି ଓପିଡିରୁ ଟିକଟ୍ କାଟି ଆରଡିସି ମଧ୍ୟକୁ ରୋଗୀଙ୍କୁ ନେଇ ସମ୍ପର୍କୀୟମାନେ ଆସୁଥିବା ବେଳେ ୟୁଜର୍ସ ଫି ଫଳକକୁ ଦେଖି ଆଚମ୍ବିତ ହୋଇଯାଉଛନ୍ତି । ପରେ କର୍ତ୍ତୃପକ୍ଷଙ୍କ ଠାରୁ ବୁଝି ମାଗଣାରେ ନିଜର ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କରୁଥିବା ଅଭିଯୋଗ ହୋଇଛି । ଏ ନେଇ ବଡମେଡିକାଲ କ୍ୱାଲିଟି ମ୍ୟାନେଜର୍ ସରୋଜ ସାମଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଡାଇଗ୍ନୋଷ୍ଟିକ୍ ପରୀକ୍ଷା ନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି । ପୂର୍ବରୁ ରହିଥିବା ଟିକଟ କାଉଣ୍ଟରଟି ସ୍ଥାନାନ୍ତର ହୋଇଛି। ଉକ୍ତ ଫଳକଟିକୁ ଖୁବ୍ ଶୀଘ୍ର ହଟାଇ ଦିଆଯିବ ।

## ଶ୍ରୀକୃଷ୍ଣ ଗୋଶାଳାରେ ଗୋଷ୍ଠାଷ୍ଟମୀ

**ବ୍ରହ୍ମପୁର ଅଫିସ,୧୬।୧୧:** ବ୍ରହ୍ମପୁର ଆଗାସାହିସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଗୋଶାଳାର ସଭାପତି ବଜରଙ୍ଗ ଲାଲ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ରୀତି ଅନୁସାରେ ଗୋପୂଜନ କରାଯାଇଥିଲା। ଗୋଶାଳାରେ ଥିବା ୨୭୦ ଗାଇ ଓ ବାଛୁରୀଙ୍କୁ ପୂଜା କରାଯିବା ସହ ଖାଦ୍ୟ ଦିଆଯାଇଥିଲା । ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଗୋମାତାଙ୍କୁ ବନ୍ଦାପନା କରିବା ସହ ଗୋଖାଦ୍ୟ, ଘାସ, ଗୁଡ ଆଦି ଦେଇଥିଲେ । ଅପରାହ୍ନରେ ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରବି ରଥ, ଅନୁଷ୍ଠାନର ସମ୍ପାଦକ ଏ. ଶିବ ନାରାୟଣ, ଉପସଭାପତି ରାଜକୁମାର ମୁରାର୍କା, ପରିଚାଳକ ନିମାଇଁ ଚରଣ ପଣ୍ଡା, ଲେଖକ କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ । ଗାଇ ସଂରକ୍ଷଣ, ବୃଦ୍ଧ ଗୋରୁଙ୍କ ପାଳନ ଓ ସୁରକ୍ଷା ପାଇଁ ଏହି ୧୦୦ ବର୍ଷ ପୁରାତନ ଗୋଶାଳା କିପରି କାର୍ଯ୍ୟ କରିଆସୁଛି ଅନୁଷ୍ଠାନର ସଭାପତି ତାହା କହିଥିଲେ। ସନ୍ଧ୍ୟାରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି ଉତ୍ସବ ରବିବାର ଉଦଯାପିତ ହେବ। ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଗୋଶାଳାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।



ଶ୍ରଦ୍ଧାଳୁମାନେ ଗୋପୂଜନ କରୁଛନ୍ତି ।

■ ମହାନଗର ପୁସ୍ତକମେଳା ଉଦ୍‌ଘାଟିତ

# ଡିଜିଟାଲ ଯୁଗରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୧୬।୧୧

ପୁସ୍ତକ ହେଉଛି ମଣିଷର ପ୍ରକୃତ ବନ୍ଧୁ । ଯାହା ମନୁଷ୍ୟକୁ ସତମାର୍ଗ ଦେଖାଏ । ଆଜିର ଏହି ଡିଜିଟାଲ ଯୁଗରେ ମଧ ସମାଜକୁ ଦିଗଦର୍ଶନ ଦେଖାଇବାରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ଆୟୋଜିତ ମହାନଗର ପୁସ୍ତକମେଳା ଉଦଘାଟନ କରି କମିଟିର ଉପଦେଷ୍ଟା ତଥା ବିଡିଏ ଅଧକ୍ଷ ସୁବାସ ମହାରଣା ଏହା କହିଛନ୍ତି । ଓଡିଆ, ସାହିତ୍ୟ, ସଂସ୍କୃତି ପୁନର୍ଜୀବିତ କରିବାରେ ପୁସ୍ତକମେଳା ଏକ ପ୍ରମୁଖ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ । ବ୍ରହ୍ମପୁର ରାମଲିଙ୍ଗମ ଟେମ୍ପୁଲ ରୋଡସ୍ଥିତ ଏସଏସଭିଟି ଗ୍ରାଉଣ୍ଡ ପରିସରରେ ଆୟୋଜିତ ଏହି ମେଳାର ଉଦଘାଟନୀ ଉତ୍ସବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।





ଅତିଥିମାନେ ପୁସ୍ତକମେଳାକୁ ଉଦଘାଟନ କରୁଛନ୍ତି ।

କମିଟିର ସଭାପତି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କବି ତଥା ଦୂରଦର୍ଶନର ଉଦଘୋଷକ ମଳୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ଅଜିତ କୁମାର ସାବତ ସମ୍ପାଦକୀୟ ପାଠ କରିଥିବା ବେଳେ ଉପସଭାପତି ବି. ସତ୍ୟମ ଆଚରୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୂର୍ବରୁ କନିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାଙ୍ଗଠନିକ ସମ୍ପାଦକ ବାଲ୍ମିକୀ ମହାପାତ୍ରଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।